ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.312, Bhubaneswar Tuesday, January 28, 2020 ୨୨ତମ ବର୍ଷ ସଂଖ୍ୟା–୩୧୨ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୮, ୨୦୨୦ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# କରୋନା ଭାଇରସ୍ ଆତଙ୍କ

ଭୁବନେଶ୍ୱର, ୨୭।୧(ପି.ଏନ): ଚୀନ୍‌ରେ କରୋନା ଭାଇରସ୍ ଯୋଗୁଁ ଏକାଧିକ ଲୋକଙ୍କ ମୃତ୍ୟୁ ଘଟଣାକୁ ବିଶ୍ୱ ସମସ୍ୟା ଭାବେ ଘୋଷଣା କରାଯାଇ ନାହିଁ। ମାଲେସିଆରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ନେପାଳରେ ଜଣେ ରୋଗୀ ଚିହ୍ନଟ ହୋଇଛନ୍ତି। ଏଥିପାଇଁ ଓଡିଶାରେ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେଣୁ ଓଡିଶାବାସୀ ଭୟଭୀତ ହେବାର କୌଣସି କାରଣ ନାହିଁ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ନିକୁଂଜ ବିହାରୀ ଧଳ ପ୍ରକାଶ କରିଛନ୍ତି।ସୋମବାର ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ରାଜ୍ୟରେ କି ପ୍ରକାର ସତର୍କତାମୂଳକ ବ୍ୟବସ୍ଥା କରାଯାଇଛି ଏହା ଜାଣିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କ ସହିତ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରାଯାଇଥିଲା। ଦେଶର ୧୯ ଟି ଏୟାରପୋର୍ଟକୁ ଆଲର୍ଟ ଜାରୀ କରାଯାଇଛି। ଏହା ମଧ୍ୟରେ ଭୁବନେଶ୍ୱର ଏୟାରପୋର୍ଟର ନାମ ନାହିଁ। ଏହି ରୋଗ ୧୫ ଟି ଦେଶକୁ ବ୍ୟାପିଲାଣି। ଓଡିଶାରେ ଏହାର ମୁକାବିଲା ପାଇଁ ୪ ଟି ମେଡିକାଲରେ (ଏମସ୍ , ଏସସିବି, ବୁର୍ଲା ଓ ଝାରସୁଗୁଡା) ଆଇସୋଲେସନ୍ ୱାର୍ଡ ଖୋଲାଯାଇଛି। ଭୁବନେଶ୍ୱର ଓ ଝାରସୁଗୁଡା ଏୟାରପୋର୍ଟରେ ଯାଂଚ ବ୍ୟବସ୍ଥା କରାଯାଇଛି। ପାରାଦ୍ୱୀପ ବନ୍ଦରକୁ ମଧ୍ୟ ଆଲର୍ଟ କରାଯାଇଛି। ଭୁବନେଶ୍ୱର ଏୟାରାପୋର୍ଟକୁ ସ୍କ୍ରିନିଂ ଏୟାରପୋର୍ଟ ଘୋଷଣା କରିବାପାଇଁ କେନ୍ଦ୍ରକୁ ଅନୁରୋଧ କରାଯାଇଛି। ବନ୍ଦର , ବିମାନଘାଟି ଓ ଷ୍ଟେସନ୍ ଗୁଡିକୁ ଆଡଭାଇଜରୀ ଜାରୀ କରାଯାଇଛି। ଏଥି ସହିତ ପାରାଦ୍ୱୀପ ପୋର୍ଟ କର୍ତ୍ତୃପକ୍ଷଙ୍କ ମଧ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ କୁହାଯାଇଛି । ଜଗତସିଂହପୁର ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଆଜି ପାରାଦ୍ୱୀପ ଗସ୍ତ କରି ସେଠାରେ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତାକାଲି ସମସ୍ତ ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀମାନଙ୍କୁ କରୋନା ଭାଇରସ୍ ସଂକ୍ରମଣ ନିୟନ୍ତ୍ରଣ ସଂପର୍କରେ ପ୍ରସ୍ତୁତି ଦିଗରେ ବୈଠକ ପାଇଁ ଡକା ଯାଇଛି ।ବାହାରୁ , ବିଶେଷତଃ ଚୀନ୍‌ରୁ ଆସୁଥିବା ଯାତ୍ରୀମାନଙ୍କ ସଂପର୍କରେ ତଥ୍ୟ ପ୍ରଦାନ ଓ ହୋଟେଲ୍‌ରେ ରହୁଥିବା ବ୍ୟକ୍ତିବିଶେଷଙ୍କୁ ସେଲ୍ଫ ଡିକ୍ଲାରେସନ୍ ଦେବା ପାଇଁ ହୋଟେଲ୍ ଆସୋସିଏସନ୍‌କୁ ନିର୍ଦ୍ଦେଶ ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରୋନା ଭାଇରସ୍ ସଂକ୍ରମଣ ସଂପର୍କରେ ନିୟନ୍ତ୍ରଣ ଓ ସତର୍କ ରହିବା ପାଇଁ ସୂଚନା ଜାରି କରାଯାଇଛି । ଏଥି ପାଇଁ ଏକ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ ଖୋଲାଯାଇଛି । ଜନସାଧାରଣ ଆବଶ୍ୟକସ୍ଥଳେ କଂଟ୍ରୋଲ୍ ରୁମ୍ ସହ ଯୋଗାଯୋଗ କରିପାରିବେ । ସ୍ୱାସ୍ଥ୍ୟ ବିଭାଗ କରୋନା ଭାଇରସ୍ ସଂକ୍ରମଣ ନିୟନ୍ତ୍ରଣକ୍ଷେତ୍ରରେ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି ବୋଲି ଶ୍ରୀ ଧଳ ପ୍ରକାଶ କରିଛନ୍ତି । କଟକ ଏସସିବିର ଜରୁରୀକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି ଯେ ବର୍ତ୍ତମାନ ଏସସିବିରେ କରୋନାର ଚିକିତ୍ସା ପାଇଁ ୮ଟି ଆଇସିୟୁ ଓ ୪୦ଟି ବେଡ୍ ରଖାଯାଇଛି। ଆବଶ୍ୟକ ହେଲେ ଏହାର ବୃଦ୍ଧି କରାଯିବ। ଏଥିପାଇଁ ଜଣେ ପ୍ରଫେସର ଓ ପଲ୍ମୁମରି ବିଭାଗର ଦୁଇ ଜଣ ଡାକ୍ତରଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ୨୪ ଘଂଟିଆ ଦାୟିତ୍ୱରେ ରହିବେ। ଏହି ଅବସରରେ ଉପସ୍ଥିତ ରହି ଡିଏମ୍‌ଇଟି ପ୍ରଫେସର ଡାକ୍ତର ସି.ବି.କେ. ମହାନ୍ତି କହିଲେ ଯେ କରୋନା ଭାଇରସ୍ ଶତାବ୍ଦୀ ଶତାବ୍ଦୀ ଧରି ସାଧାରଣ ଥଣ୍ଡା ରୋଗର କାରଣ ରହିଆସିଛି । କିନ୍ତୁ ୨୦୦୨ ମସିହା ପରଠାରୁ ଏଥରକୁ ମିଶାଇ ୩ଥର ଉଗ୍ର ସଂକ୍ରମଣ ରୂପ ନେଇଛି। କିନ୍ତୁ ପ୍ରତିଥର ସଂକ୍ରମଣ ଘଟଣା ମୁଖ୍ୟତଃ ପୃଥିବୀର ଗୋଟିଏ ଅଂଚଳରେ ସୀମିତ ରହିଥିବାର ନଜିର ରହିଛି । ବର୍ତ୍ତମାନ ନୂତନ ଭାବେ ଚିହ୍ନଟ ହୋଇଥିବା ନଭେଲ୍ କରୋନା ଭାଇରସ୍ ଅନ୍ୟ କରୋନା ଭାଇରସ୍ ଭଳି ପ୍ରଥମେ ସର୍ଦ୍ଦି, କାଶ, ଥଣ୍ଡା ଦେହ ହାତ ଘୋଳାବିନ୍ଧାରୁ ଆରମ୍ଭ ହୋଇ ପରବର୍ତୀ ସମୟରେ ନିମୋନିଆଭଳି ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିପାରେ। ଏ ପର୍ଯ୍ୟନ୍ତ ଏହି ନୂତନ ଭୁତାଣୁ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ଓ ପ୍ରତିଷେଧକ ବାହାରି ନାହିଁ ।କିନ୍ତୁ ସଂକ୍ରମଣର ଲକ୍ଷଣକୁ ଦେଖି ଚିକିତ୍ସା କରାଯାଇପାରିବ ।ପ୍ରଫେସର ଡା. ମହାନ୍ତି କହିଲେ କରୋନା ଭାଇରସ୍‌ର ଆପେକ୍ଷିକ ଆକାର ବଡ଼ ହୋଇଥିବାରୁ ଏହି ଭୁତାଣୁ ବାୟୁମଣ୍ଡଳରେ ବେଶୀ ସମୟ ତିଷ୍ଠି ରହିପାରେ ନାହିଁ। ବେଶୀ ଦୂର ପର୍ଯ୍ୟନ୍ତ ମଧ ସଂକ୍ରମଣ ବ୍ୟାପି ପାରିବ ନାହିଁ । ତେଣୁ ଗଣମାଧମ ଜରିଆରେ ଜନସାଧାରଣଙ୍କୁ ଜଣାଇବାକୁ ଚାହେଁ ଯେ, ପ୍ରତିଷେଧକାତ୍ମକ ବ୍ୟବସ୍ଥା ସ୍ୱରୂପ ନିୟମିତ ଭାବେ ସାବୁନରେ ହାତ ଧୁଅନ୍ତୁ । କାଶ ବା ଛିଙ୍କ ସମୟରେ ନାକ ଏବଂ ମୁହଁକୁ ରୁମାଲ୍‌ରେ ଘୋଡ଼ାଇ ରଖନ୍ତୁ। ସର୍ଦ୍ଦି ବା କାଶ ହେଉଥିବା ଲୋକଙ୍କଠାରୁ ନିଜକୁ ଦୂରେଇ ରଖନ୍ତୁ। ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଆନ୍ତୁ । ବନ୍ୟ କିମ୍ବା ଫାର୍ମ ପ୍ରାଣୀଙ୍କ ସଂସ୍ପର୍ଶରେ ଆସିବାବେଳେ ସତର୍କତା ଅବଲମ୍ବନ କରନ୍ତୁ ।ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ପରିଚାଳନା ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଜାତୀୟ ହସ୍ତତନ୍ତ ମେଳାର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୧(ପି.ଏନ): ଇଡକୋ ପ୍ରଦର୍ଶନୀ ପଡିଆ ଠାରେ ଜାତୀୟ ହସ୍ତତନ୍ତ ମେଳାର ଉଦଘାଟନ ହୋଇ ଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଳାର ଉଦଘାଟନ କରିଛନ୍ତି । ଜାନୁଆରୀ ୨୬ରୁ ଆରମ୍ଭ ହୋଇ ଏହି ମେଳା ଫେବୃଆରୀ ୨୩ ତାରିଖ ଯାଏ ଚାଲିବ । ଏହି ମେଳାରେ ଓଡିଶା ସମେତ ଉତର ପ୍ରଦେଶ, ଜାମ୍ମୁକାଶ୍ମୀର, ରାଜସ୍ଥାନ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମ ବଙ୍ଗ, ଝାରଖଣ୍ଡ, ଆନ୍ଧ୍ର ପ୍ରଦେଶ, ପଣ୍ଡିଚେରୀ, ତାମିଲନାଡୁ, କର୍ଣାଟକ, ଉତରାଖଣ୍ଡ, ହରିୟାଣାର ପାଖା ପାଖି ଶହେ ଟି ସଂସ୍ଥା ଏଥିରେ ସାମିଲ ହୋଇଛନ୍ତି ।ଆୟୋଜକ ମାନଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଏହି ମେଳା ପ୍ରତ୍ୟହ ଦିନ ୧୧.୩୦ରୁ ରାତ୍ର ୯.୩୦ ଯାଏ ଚାଲିବ । ଏହି ମେଳାରେ ଓଡିଶାର ପ୍ରତ୍ୟେକ ଷ୍ଟଲରେ ପ୍ରତ୍ୟେକ ବସ୍ତ୍ର ଉପରେ ରିହାତି ଦେବାର ବ୍ୟବସ୍ଥା ରହିଛି । ମେଳାରେ ମୋଟ ୧୦୦ଟି ଷ୍ଟଲ ରହିବ । ସେଥି ମଧ୍ୟରୁ ୨୫ଗୋଟି ଷ୍ଟଲ ଓଡିଶାର ବିଭିନ୍ନ ପ୍ରମୁଖ ସଂସ୍ଥା ଯଥା ବୟନିକା, ସମ୍ବଲପୁରୀ ବସ୍ତ୍ରାଳୟ, ସେରିଫେଡ ତଥା ଅନ୍ୟାନ୍ୟ ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ମାନଙ୍କ ପାଇଁ ସଂରକ୍ଷିତ ହୋଇ ରହିଛି । ଏହି ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ଷ୍ଟଲ ମଧ୍ୟ ରହିଛି । ସେହିପରି ପ୍ରତ୍ୟେକ ସଂଧ୍ୟାରେ ୭ଟାରୁ ୯.୩୦ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରା ଯାଉଛି । ବଲିଉଡର ଅନେକ ଗାୟକ ଏଥିରେ ଯୋଗ ଦେବେ ।ଏହି ପ୍ରଦର୍ଶନୀରେ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ବିଗତ ତିନି ବର୍ଷ ମଧ୍ୟରେ ସର୍ବାଧିକ ବ୍ୟବସାୟ କରିଥିବା ତିନି ଗୋଟି ପ୍ରାଥମିକ ତନ୍ତୁବାୟ ସହଯୋଗ ସମିତି ଯଥା କ୍ଷେତ୍ରପାଳ ତନ୍ତୁବାୟ ସହଯୋଗ ସମିତି ଲି. ଦେବ ଦେବ ମହାଦେବ ତନ୍ତୁବାୟ ସହଯୋଗ ସମିତି ଲିଂ. ମା ଅନ୍ନପୂର୍ଣ୍ଣା ତନ୍ତୁବାୟନ ସହଯୋଗ ସମିତିକୁ ଯଥାକ୍ରମେ ତିନି ଲକ୍ଷ, ଦୁଇ ଲକ୍ଷ ଓ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରା ଯାଇଛି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ପଦ୍ମିନୀ ଦିଆନ, ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

# କତାର୍ ଉର୍ଜା ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମଧ୍ୟରେ ବୈଠକ



ନୂଆଦିଲ୍ଲୀ/ଭୁବନେଶ୍ୱର, ୨୭।୧(ପି.ଏନ): ନୂଆଦିଲ୍ଲୀ ଠାରେ ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କତାର୍‌ର ଉର୍ଜା ମନ୍ତ୍ରୀ ଇଆର. ସାଦ୍ ଶେରିଦା ଅଲ୍-କାବିଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉଭୟଙ୍କ ମଧ୍ୟରେ ହାଇଡ୍ରୋକାର୍ବନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁଆହୁରି ବଢାଇବା ପାଇଁ ସହମତି ପ୍ରକାଶ ପାଇଛି ।ଶ୍ରୀ ପ୍ରଧାନ କହିଛନ୍ତି ଯେ କତାର ଭାରତର ଜଣେ ଭଲ ସହଯୋଗୀ ରାଷ୍ଟ୍ର । ଭାରତ ପାଇଁ କତାରଦୀର୍ଘକାଳୀନ ଉର୍ଜା ସହଯୋଗୀ ଦେଶ । ଦୁଇ ଦେଶ ମଧ୍ୟରେ ହାଇଡ୍ରୋକାର୍ବନ ମାଧ୍ୟମରେ ଉର୍ଜାରଚାହିଦାକୁ ଆହୁରି ଅଧିକ ବଢାଯାଇପାରିବ। ଉର୍ଜା ଦ୍ୱାରା ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜବୁତ୍ ହେବ ବୋଲିଶ୍ରୀ ପ୍ରଧାନ କହିଛନ୍ତି ।ସେ କହିଛନ୍ତି ଯେ ଏଲ୍‌ଏନ୍‌ଜି କ୍ଷେତ୍ରରେ ଭାରତ ପାଇଁ ଅଧିକ ଭାଗ କତାରରେ ରହିଛି । ଭାରତରେଉର୍ଜା ବିଶେଷ ଭାବରେ ଗ୍ୟାସ ହାର କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି । ଦେଶର ୭୦ ପ୍ରତିଶତଜନସଂଖ୍ୟାଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଭାରତ ଗ୍ୟାସ ଆଧାରିତ ଅର୍ଥନୀତି ହେବା ଦିଗରେଦ୍ରୁତ ଅଗ୍ରସର ହେଉଛି । ଦେଶର ଗ୍ୟାସ ଭିତିଭୂମିକୁ ସଜାଡିବାରେ ୬୦ ବିଲିୟନ ଡଲାର ପୁଞ୍ଜିନିବେଶହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।ଉଲ୍ଲେଖନୀୟ ଯେ, ଏହି ବୈଠକରେ ଭାରତ ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ଏବଂଇସ୍ପାତ ମନ୍ତ୍ରାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ହେବା ସହ ଅନ୍ୟ ଏହି ସମ୍ପୃକ୍ତ ବିଭାଗରଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ ।

## ଭୁବନେଶ୍ୱର ଏୟାରପୋର୍ଟ ଟାର୍ଜେଡିର ପ୍ରାଥମିକ ତଦନ୍ତ ଶେଷ

ଭୁବନେଶ୍ୱର, ୨୭।୧(ପି.ଏନ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରର ଟର୍ମିନାଲ ଲିଙ୍କ୍ ଛାତ ଭୁଶୁଡି ପଡିବା ଘଟଣା ଉପରେ ଆଂଚଳିକ ମୁଖ୍ୟ କାର୍ଯ୍ୟାଳୟର ନିର୍ବାହୀ ଯନ୍ତ୍ରୀ ଏବଂ ଜେନେରାଲ୍ ମ୍ୟାନେଜରଙ୍କ ପ୍ରାଥମିକ ତଦନ୍ତ ଶେଷ ହୋଇଛି। ରିପୋର୍ଟ ହସ୍ତଗତ ହେବା ପରେ ଏୟାରପୋର୍ଟ ଅଥରିଟିର ବିଶେଷଜ୍ଞ ଟିମ୍ ଆସି ତଦନ୍ତ କରିବ ବୋଲି ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ବି.ବି ରାଓ ପ୍ରକାଶ କରିଛନ୍ତି।

## ଧାନ ମଣ୍ଡି ସମସ୍ୟାକୁ ନେଇ କଟକ ଜିଲ୍ଲା ପ୍ରଶାସନଙ୍କୁ ଭେଟିଲା କୃଷକ ମୋର୍ଚ୍ଚା

ଭୁବନେଶ୍ୱର,୨୭।୧(ପି.ଏନ): ସମ୍ପୂର୍ଣ୍ଣ କଟକ ଜିଲ୍ଲାରେ କେବଳ ବାଙ୍କିର ୪୦ଟି ମଣ୍ଡି, ବଡମ୍ବା, ଆଠଗଡ, ମାହଙ୍ଗା, ସାଲେପୁର ସବୁ ଜାଗାରେ ଟୋକନ ଦିଆଯାଉଛି କିନ୍ତୁ ଧାନ କିଣା ଯାଉନାହିଁ । ଏମିତି ସମୟରେ ଟୋକେନ ଦିଆଯାଉଛି ଯେ ଚାଷୀ ଧାନ ନେଇକି ମଣ୍ଡିକୁ ନେଇ ଯାଉ ଯାଉ ଟୋକନର ଭାଲିଡିଟି ପଳାଉଛି। କନ୍ଦରପୁର ମଣ୍ଡିରେ ଯେଉଁ ପରିମାଣର ଧାନ ଆଲର୍ଟମେଂଟ୍ କରାଯାଉଛି ଯେ ଏତିକି ଧାନ ଦେବ ସେତିକି ଧାନ ମିଲର ସଂଗ୍ରହ କରିପାରୁନାହିଁ। ସରକାରୀ ଦଳର ଚାଷୀଙ୍କୁ ଆଗୁଆ ଟୋକନ୍ ଇସ୍ୟୁ ହେଉଥିବା ବେଳେ ଅନ୍ୟାନ୍ୟ ଚାଷୀମାନଙ୍କୁ ପଛରେ ଟୋକନ୍ ଇସ୍ୟୁ ହେଉଛି । ଏହି ସମସ୍ୟାକୁ ନେଇ କଟକ ଜିଲ୍ଲା ପ୍ରଶାସନକୁ ଭେଟି ପ୍ରତିକାର ଦାବି କରିଛନ୍ତି ବିଜେପି କୃଷକ ମୋର୍ଚ୍ଚାର ଏକ ପ୍ରତିନିଧି ଦଳ। ରାଜ୍ୟ କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ କୃଷକମୋର୍ଚ୍ଚା ଦଳ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି କହିଛନ୍ତି ଯେ ନିର୍ଦ୍ଧାରିତ ସମୟ ମଧ୍ୟରେ ଟୋକନ୍ ଦେଇ ଯଦି ସରକାର ଧାନ ସଂଗ୍ରହ ନକରନ୍ତି ତେବେ ବିଜେପି କୃଷକ ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କୁ ବାଧ କରିବେ ଚାଷୀର ଧାନ ନିର୍ଦ୍ଧାରିତ ସମୟ ଭିତରେ ନେବାପାଇଁ। ନହେଲେ ଚାଷୀଙ୍କୁ ସରକାର ଧୋକା ଦେଉଛନ୍ତି ଏହି କଥା ଆମେ ଜନସାଧାରଣଙ୍କ ପାଖରେ ପହଂଚାଇ ଆନ୍ଦୋଳନ କରିବୁ। ଏହି ପ୍ରତିନିଧି ଦଳରେ କୃଷକ ମୋର୍ଚ୍ଚାର ରାଜ୍ୟ ଉପସଭାପତି ହୃଷିକେଶ ଜେନା, ରାଜ୍ୟ ସଂପାଦକ ଅଶୋକ ମହାନ୍ତି, ବ୍ରଜେନ୍ଦ୍ର ରାୟ,ସରୋଜ ରଣା, ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ସାମିଲ ଥିଲେ।

## ବିଚ୍ଛିନ୍ନାଚଂଳରେ ମାଓବାଦୀ-ଆଦିବାସୀ ମୁହାଁମୁହିଁ ଘଟଣା : ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ ଓ ଏସପି

ମାଲକାନଗିରି, ୨୭।୧(ପି.ଏନ): ବିଚ୍ଛିନ୍ନାଚଂଳରେ ମାଓବାଦୀ–ଆଦିବାସୀ ମୁହାଁମୁହିଁ ଘଟଣା ପରେ ଆଜି ସ୍ଥିତିର ସମୀକ୍ଷା ପାଇଁ ଘଟଣାସ୍ଥଳରେ ପହଂଚି ଥିଲେ ଜିଲ୍ଲାପାଳ ମନୀଷ ଅଗ୍ରୱାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡି. ଋଷିକେଶ ଖିଲାରୀ । ଏହି ଗସ୍ତ କାଳରେ ମାଓବାଦୀ ଜାଳି ଦେଇଥିବା ଘର ଗୁଡିକର ୧୨ ଜଣ ମାଲିକଙ୍କୁ ପ୍ରତ୍ୟେକଙ୍କୁ ୩୦ ହଜାର ଲେଖାଏଁ ସହାୟତା ରାଶି ଓ କିଛି ଦିନର ରାସନସାମଗ୍ରୀ ପ୍ରଦାନ କରିଥିଲେ ଜିଲ୍ଲାପାଳ । ଏହା ବ୍ୟତୀତ ଯୋଡ଼ାମ୍ବକୁ ଏକ ମଡ୍ଲେ ଭିଲେଜ (ଆଦର୍ଶ ଗ୍ରାମ)ରେ ପରିଣତ କରିବାକୁ ଘୋଷଣା କରିଥିଲେ ଜିଲ୍ଲାପାଳ । ମାଓବାଦୀଙ୍କ ଏହି ହିଂସାକାଣ୍ଡ ପରେ ଯୋଡ଼ାମ୍ବ ପଂଚାୟତର ୪ଟି ଗ୍ରାମ ଯୋଡ଼ାମ୍ବ, ଜନ୍ତୁରାଇ, ସିନ୍ଦିବେଡ଼ା ଓ ଟିକରପଡ଼ାରେ ଜିଲ୍ଲା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏସବୁ ଗ୍ରାମରେ ପୋଲିସ ଛାଉଣି ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ୧୦୦୦ରୁ ଉର୍ଦ୍ଧ୍ୱ ପୋଲିସ ଫୋର୍ସ ମୁତୟନ ଅଛନ୍ତି । ପ୍ରକାଶ ଥାଉ କି, ଗତ ୨୫ ତାରିଖ ରାତିରେ ଚିତ୍ରକୋଣ୍ଡା ବ୍ଲକ୍ ଯୋଡ଼ାମ୍ବ ପଂଚାୟତ ଅନ୍ତର୍ଗତ ଜନ୍ତୁରାଇ ଗ୍ରାମରେ ମାଓବାଦୀ- ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ । ଏଥିରେ ଗ୍ରାମବାସୀଙ୍କ ଆକ୍ରମଣରେ ଜଣେ ମାଓବାଦୀର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିଲେ ।

## ରାଜଭବନରେ ଆଟ୍ ହୋମ୍ ପାର୍ଟି ଆୟୋଜିତ

ଭୁବନେଶ୍ୱର, ୨୭।୧(ପି.ଏନ): ଭୁବନେଶ୍ୱରସ୍ଥିତ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ପକ୍ଷରୁ ରବିବାର ସଂଧ୍ୟାରେ ରାଜଭବନ ପରିସର ମଧ୍ୟରେ ନୈଶ୍ୟଭୋଜି (ଆଟ୍ ହୋମ୍ ପାର୍ଟି) ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ , ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ , ପୋଲିସ୍ ମହାନିର୍ଦ୍ଦେଶକ ପ୍ରମୁଖ ଯୋଗ ଦେଇଥିଲେ। ଏହା ବ୍ୟତୀତ ରାଷ୍ଟ୍ରପତି ପୋଲିସ୍ ମେଡାଲ ପାଇଥିବା ପୋଲିସ୍ କର୍ମଚାରୀ ଓ ଅଧିକାରୀଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଯୋଗ ଦେଇଥିଲେ । ସେହିପରି ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ , ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ , ଆଇନଜୀବୀ ପ୍ରମୁଖ ଯୋଗ ଦେଇଥଲେ।

## ଆଜିଠୁ ପ୍ରଥମ ପର୍ଯ୍ୟାୟ ପଦୋନ୍ନତି ଅଦାଲତ

ଭୁବନେଶ୍ୱର, ୨୭।୧(ପି.ଏନ): ଆସନ୍ତାକାଲି (ମଙ୍ଗଳବାର)ଠାରୁ ପଦୋନ୍ନତି ଅଦାଲତ ଆରମ୍ଭ ହେବ। ଡିସେମ୍ବର ୩୧ ତାରିଖ ସୁଦ୍ଧା ପଦୋନ୍ନତି ପାଇବାକୁ ଯୋଗ୍ୟଥିବା କିନ୍ତୁ ପଦୋନ୍ନତି ପାଇନଥିବା ସରକାରୀ କର୍ମଚାରୀମାନଙ୍କ ପାଇଁ ଜାନୁଆରୀ ୨୮, ୨୯ ଓ ୩୧ ତାରିଖରେ ପ୍ରଥମ ରାଉଣ୍ଡ ପଦୋନ୍ନତି ଅଦାଲତ ହେବା ପାଇଁ ସ୍ଥିର ହୋଇଛି । ଏଥି ପାଇଁ ୨୨୭୩ ଦରଖାସ୍ତକାରୀଙ୍କ ନାମ ତାଲିକାଭୁକ୍ତ ହୋଇଛି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ଚୋପ୍‌ଡା ସୂଚନା ଦେଇଛନ୍ତି। ଏସମ୍ପର୍କରେ ଗତକାଲି ତାଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ଅଧିକାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦରଖାସ୍ତକାରୀମାନଙ୍କୁ ଇ-ମେଲ୍ ମଧ୍ୟମରେ ସ୍ୱୀକୃତିପତ୍ର, ଶୁଣାଣି, ସ୍ଥାନ ଓ ତାରିଖ ପଠାଯାଇଛି । କେବଳ ସ୍ୱୀକୃତି ପତ୍ର ପାଇଥିବା କର୍ମଚାରୀମାନେ ନିର୍ଦ୍ଧାରିତ ତାରିଖ ଅନୁସାରେ ଅଦାଲତକୁ ଆସିବେ। ଆସିବାବେଳେ ସାଙ୍ଗରେ ସ୍ୱୀକୃତି ପତ୍ର ଆଣିବେ। ନିଜେ ନିଜର ପକ୍ଷ ରଖିବେ । କର୍ମଚାରୀଙ୍କ ତରଫରୁ ଓକିଲ ବା କୌଣସି ଦ୍ୱିତୀୟ ବ୍ୟକ୍ତି ପକ୍ଷ ରଖିପାରିବେ ନାହିଁ । ବାକି ରହିଥିବା ଦରଖାସ୍ତକାରୀମାନଙ୍କ ପାଇଁ ଦ୍ୱିତୀୟ ରାଉଣ୍ଡ ଶୁଣାଣି ଫେବୃଆରୀ ମାସ ୨୭, ୨୮ ଓ ୨୯ ତାରିଖକୁ ଧାର୍ଯ୍ୟ କରାଯାଇଛି । ସେମାନଙ୍କୁ ଇ-ମେଲ୍ ମାଧମରେ ସ୍ୱୀକୃତି ପତ୍ର ପଠାଇ ଦିଆଯିବ ବୋଲି ଶ୍ରୀ ଚୋପ୍‌ଡା କହିଛନ୍ତି।

## ଯାତ୍ରୀବାହୀ ବସ ଓଲଟି ୫୦ରୁ ଅଧିକ ଆହତ

ବାରିପଦା, ୨୭।୧(ପି.ଏନ): ବାଲେଶ୍ୱରରୁ ବାରିପଦା ଭାୟା ମାଣତ୍ରୀ ଆସୁଥିବା ଓଆର ୧୧ଡ଼ି ୭୧୧୫ ନମ୍ବର ବିଶିଷ୍ଟ ମହାଭାରତ ଯାତ୍ରୀବାହୀ ବସ ଆଜି ଅପରାହ୍ନ ପ୍ରାୟ ଅଢ଼େଇଟା ବଡ଼ସାହି ବ୍ଲକ ଆରପଟା ନିକଟରେ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିଲା । ଫଳରେ ଭସ ଭିତରେ ଥିବା ପ୍ରାୟ ୫୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ । ଆହତ ସମସ୍ତ ଯାତ୍ରୀମାନଙ୍କୁ ବଡ଼ସାହି ଡ଼ାକ୍ତରଖାନାରେ ଭର୍ତି କରାଯାଇଥିଲା । ଏମାନଙ୍କ ମଧ୍ୟରୁ ଗୁରୁତର ଆହତ ଥିବା ଯାତ୍ରୀଙ୍କୁ ବାରିପଦା ପିଆରଏମ୍ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ବାରିପଦାରେ ଆହତମାନେ ସୁସ୍ଥ ଥିବାର ଜଣାପଡ଼ିଛି । ତେବେ ନିର୍ମାଣାଧୀନ ରାସ୍ତା ଦବି ଯିବା ଫଳରେ ବସଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିବାର ଜଣାପଡ଼ିଛି ।

## ବ୍ୟବସାୟୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପ୍ରାୟ ୬ ଲକ୍ଷ ଟଙ୍କା ଲୁଟ

ବାରିପଦା, ୨୭।୧(ପି.ଏନ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ସହର ଲୁଟେରାଙ୍କ ଟାର୍ଗେଟରେ । ପ୍ରାୟ ୩ ମାସ ପୂର୍ବେ ଦୁର୍ବୃତ ମାନେ ରାଇରଙ୍ଗପୁର ସହରର ଲିଙ୍କରୋଡ଼ରେ ଥିବା ଏକ ଧାନ ବ୍ୟବସାୟୀଙ୍କ ଘରେ ପଶି ଗୁଳି ଚଳାଇ ଟଙ୍କା ଲୁଟି ଫେରାର ହୋଇଯାଇଥିବା ବେଳେ ଜାନୁଆରୀ ୨୬ ପବିତ୍ର ସାଧାରଣତନ୍ତ୍ର ଦିବସର ରାତିରେ ୩ ଜଣ ଯୁବକ ଏକ ବାଇକରେ ଆସି ଏକ ପାନ ମସଲା ବ୍ୟବସାୟୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କେଶ ବାକ୍ସରୁ ପ୍ରାୟ ୬ ଲକ୍ଷ ଟଙ୍କା ଲୁଟି ଆଖି ପିଛୁଳାକେ ଫେରାର ହୋଇଯାଇଥିଲେ । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ରାଇରଙ୍ଗପୁର ପୌରପରିଷଦର ମୁଖ୍ୟ ବଜାରରେ ଭଞ୍ଜିଆ ମହାନ୍ତିଙ୍କ ଏକ ପାନ ମସଲା ଦୋକାନ ରହିଥିକା।

## ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ୭୧ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ

ଭୁବନେଶ୍ୱର, ୨୭।୧(ପି.ଏନ): ୭୧ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ରାଜଧାନୀର ମହାତ୍ମାଗାନ୍ଧୀ ମାର୍ଗରେ ଆଜି ରାଜ୍ୟ ସ୍ତରୀୟ ଜାତୀୟ ପତାକା ଉତୋଳନ ଓ ପ୍ୟାରେଡ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗଦେଇ ସକାଳ ୮ଟା ୩୦ ମିନିଟ୍ ସମୟରେ ଜାତୀୟ ପତାକା ଉତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ପୋଲିସ୍ ବ୍ୟାଣ୍ଡ ପକ୍ଷରୁ ଜାତୀୟ ସଂଗୀତ ପରିବେଷଣ କରାଯାଇଥିଲା । ପ୍ରଥମ ଥର କରି ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗଦାନ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ୍ କୁମାର ତ୍ରିପାଠୀ, ସ୍ୱରାଷ୍ଟ୍ର ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ ଚୋପ୍ରା, ଆରକ୍ଷୀ ମହା ନିର୍ଦ୍ଦେଶକ ଶ୍ରୀ ଅଭୟ, ସୂଚନା ଓ ଲୋକ ସଂପର୍କ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିବାଦନ ମଂଚ ନିକଟକୁ ପାଛୋଟି ନେଇଥିଲେ । ଭାରପ୍ରାପ୍ତ ଡିସିପି (ଟ୍ରାଫିକ୍) ସାଗରିକା ନାଥ ପରେଡ୍ ପରିଚାଳନା କରିଥିଲେ । ପରେଡ୍ ପରିଚାଳନାରେ ଡେପୁଟି କମାଣ୍ଡାଣ୍ଟ ଏସ୍.ଓ.ଜି ଅଜୟ କୁମାର ପାଢୀ, ଓ.ଏ.ପି.ଏସ୍. ଏସିପି.-୭ମ ବାଟାଲିୟନ୍ ଭବାନୀ ପ୍ରସାଦ ଜେନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ୩ୟ ଅଫିସର ରଶ୍ମିରଂଜନ ଜେନା ସ୍ୱତନ୍ତ୍ର ଅଧିକାରୀ ଭାବେ ପରେଡ୍ ପରିଚାଳନାରେ ସହଯୋଗ କରିଥିଲେ। ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ଆକର୍ଷଣୀୟ ପରେଡ୍‌ରେ ୧୨୦ ଟି.ଏ. ବାଟାଲିୟନ, କଳିଙ୍ଗ ଏନକ୍ଲେଭ, ଭୁବନେଶ୍ୱର(ବ୍ୟାଣ୍ଡ), ୧୨୦ ଟି.ଏ. ବାଟାଲିୟନ, କଳିଙ୍ଗ ଏନକ୍ଲେଭ, ଭୁବନେଶ୍ୱର(ୟନିଫର୍ମ), କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ବାହିନୀ, ରେଳବାଇ ସୁରକ୍ଷା ବାହିନୀ, ଇଣ୍ଡିଆନ୍ ରିଜର୍ଭ/ ସ୍ପେସିଆଲ୍ ରିଜର୍ଭ ପ୍ଲାଟୁନ ଓଡିଶା ରାଜ୍ୟ ପୋଲିସ୍, ଓ.ଏସ୍.ଏ.ପି. ପ୍ଲାଟୁନ୍ ଓଡିଶା ରାଜ୍ୟ ପୋଲିସ୍, ଏସ୍,ଏସ୍. ବାଟାଲିୟନ୍, ଏ.କେ.୪୭, ଭୁବନେଶ୍ୱର, ଏସ୍.ଓ.ଜି. ଚନ୍ଦକା, ଭୁବନେଶ୍ୱର, ରାଜ୍ୟ ପୋଲିସ୍ ବ୍ରାସ୍‌ବ୍ରାଣ୍ଡ-୧, ଓ.ଏସ୍.ଏ.ପି. ୬ଷ୍ଠ ବାଟାଲିୟନ, ଭୁବନେଶ୍ୱର, ଓଡିଶା ଦ୍ରୁତ କାର୍ଯ୍ୟବଳ ରାଜ୍ୟ ପୋଲିସ୍, ଓ.ଆଇ.ଏସ୍.ଏଫ୍.ରାଜ୍ୟ ପୋଲିସ୍, ଓଡିଶା ରାଜ୍ୟ ପୋଲିସ୍, ଟ୍ରାଫିକ୍ ପୋଲିସ୍ ବାହିନୀ (ମହିଳା), କମିଶନରେଟ୍, ରାଜ୍ୟ ଅଗ୍ନିଶମ ସେବା, ଅଗ୍ନିଶମ ବ୍ୟାଣ୍ଡ, ଗୃହରକ୍ଷୀ(ପୁରୁଷ), ବେସାମରିକ ପ୍ରତିରକ୍ଷା(ମହିଳା), ବରିଷ୍ଠ ଜାତୀୟ ସମର ଶିକ୍ଷାର୍ଥୀ, ପଦାତିକ ବାହିନୀ(ବାଳକ), ବରିଷ୍ଠ ଜାତୀୟ ସମର ଶିକ୍ଷାର୍ଥୀ, ପଦାତିକ ବାହିନୀ(ବାଳିକା), ବରିଷ୍ଠ ଜାତୀୟ ସମର ଶିକ୍ଷାର୍ଥୀ, ବାୟୁ ବାହିନୀ(ବାଳକ), ବରିଷ୍ଠ ଜାତୀୟ ସମର ଶିକ୍ଷାର୍ଥୀ, ବାୟୁ ବାହିନୀ(ବାଳିକା), କନିଷ୍ଠ ଜାତୀୟ ସମର ଶିକ୍ଷାର୍ଥୀ, ପଦାତିକ ବାହିନୀ(ବାଳକ), କନିଷ୍ଠ ଜାତୀୟ ସମର ଶିକ୍ଷାର୍ଥୀ, ପଦାତିକ ବାହିନୀ(ବାଳିକା), ସୈନିକ ସ୍କୁଲ କନିଷ୍ଠ ସମର ଶିକ୍ଷାର୍ଥୀ ବାହିନୀ(ବାଳକ), ସୈନିକ ସ୍କୁଲ ବ୍ୟାଣ୍ଡ (ଅଣ ସମର ଶିକ୍ଷାର୍ଥୀ ବାହିନୀ, ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର (ବାଳକ), ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ(ବାଳକ ଓ ବାଳିକା), ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮, ବି.ଜେ.ଇ.ଏମ୍. ସ୍କୁଲ-୧(ବାଳକ ଓ ବାଳିକା), ଭାରତ ସ୍କାଉଟ୍ ଓ ଗାଇଡ୍ ରେଞ୍ଜର (କଲେଜ ବାଳିକା), ଭାରତ ସ୍କାଉଟ୍ ଓ ଗାଇଡ୍ ରୋଭର (କଲେଜ ବାଳକ), ଭାରତ ସ୍କାଉଟ୍ ଓ ଗାଇଡ୍, କନିଷ୍ଠ ସ୍କାଉଟ (ବାଳକ), ଭାରତ ସ୍କାଉଟ୍ ଓ ଗାଇଡ୍ କନିଷ୍ଠ ଗାଇଡ ( ବାଳିକା), ଭେଙ୍କଟେଶ୍ୱର ଇଂରାଜୀ ମାଧମ ବିଦ୍ୟାଳୟ,ଚନ୍ଦ୍ରଶେଖରପୁର( ପାଇପ ବ୍ୟାଣ୍ଡ), ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଚନ୍ଦ୍ରଶେଖରପୁର (ବେସାମରିକ), ସେଣ୍ଟ ଜାଭିୟର ବାଳିକା ହାଇସ୍କୁଲ, ଖଣ୍ଡଗିରି, ସେଣ୍ଟ ଜାଭିୟର ହାଇସ୍କୁଲ, ଖଣ୍ଡଗିରି(ବାଳକ), ସେଣ୍ଟ ଜନ ଆମ୍ବୁଲାନ୍ସ , ଓଡିଶା ରାଜ୍ୟ କେନ୍ଦ୍ର(ବାଳକ), ଡି.ଏମ୍.ସ୍କୁଲ, ଆଂଚଳିକ ପ୍ରତିଷ୍ଠାନ, ଭୁବନେଶ୍ୱର(ବାଳକ), ମଦର୍ସ ପବ୍ଲିକ୍ ସ୍କୁଲ, ୟୁନିଟ-୧, ଭୁବନେଶ୍ୱର(ବାଳକ), ମଡର୍ଣ୍ଣ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର, ରାଜ୍ୟ ପୋଲିସ୍ ବ୍ରାସ୍ ବ୍ୟାଣ୍ଡ-୨, ଓ.ଏସ୍.ଏ.ପି ୭ମ ବାଟାଲିୟନ, ଭୁବନେଶ୍ୱର, ସାଇ ଅନ୍ତର୍ଜାତୀୟ ସ୍କୁଲ, ଚନ୍ଦକା ଶିଳ୍ପାଂଚଳ, କନିଷ୍ଠ ରେଡ୍‌କ୍ରସ(ବାଳିକା), ଓ.ଡି.ଏମ୍. ପବ୍ଲିକ୍ ସ୍କୁଲ, ପଟିଆ, ବିକାଶ ରେସିଡେନ୍ସିଆଲ ସ୍କୁଲ, ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ, ମହର୍ଷି ଡେୟାର ଡେଭିଲ୍ ଟିମ୍(ବାଳକ ଓ ବାଳିକା), ଓଡିଶା ରୋଲର ସ୍କେଟିଂ ଆସୋସିଏସନ୍ ଯୋଗଦେଇ ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ମୁଖ୍ୟ ଅତିଥି ରାଜ୍ୟପାଳଙ୍କୁ ଅଭିବାଦନ ଜଣାଇଥିଲେ । ପରେ ପରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆରାଧନା ଡ୍ୟାନ୍ସ ଏକାଡେମୀ ଖୋର୍ଦ୍ଧା ତରଫରୁ 'ଗୋଟିପୁଅ ନୃତ୍ୟ', ମା' ସମଲେଶ୍ୱରୀ କଳାବିକାଶ କେନ୍ଦ୍ର, ଗଂଜାମ ଦ୍ୱାରା 'ଯୋଡି ଶଙ୍ଖ ଓ ରଣପା ନୃତ୍ୟ', ସଂଗୀତ ସମିତି ପଦମ୍ପୁର (ବରଗଡ) ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଅବିଭକ୍ତ କୋରାପୁଟ ଜିଲ୍ଲାର ଆଦିବାସୀ ବଣ୍ଡା ନୃତ୍ୟ ପରିବେଷଣ କରାଯାଇଥିଲା।

# ରାଜଧାନୀରେ ବାର୍ଡ଼ ଫ୍ଲୁ : ଆଜିଠୁ କୁକୁଡାମରା ଅଭିଯାନ

ଭୁବନେଶ୍ୱର, ୨୭।୧(ପି.ଏନ):- ରାଜଧାନୀ ଓୟୁଏଟି କୁକୁଡ଼ା ଫାର୍ମରେ ବାର୍ଡ଼ ଫ୍ଲୁ ରୋଗ ଚିହ୍ନଟ ହୋଇଛି । ଭୋପାଳ ଟେଷ୍ଟିଂ ଲେବୋରେଟୋରୀକୁ ପଠାଯାଇଥିବା ନମୂନା ରିପୋର୍ଟରୁ ସ୍ପଷ୍ଟ ହୋଇଛି । ବିଭାଗୀୟ ମୁଖ୍ୟ ସୁଶେନ ପଣ୍ଡା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଗତ ୨/୩ ଦିନ ହେଲା ଓୟୁଏଟି ଫାର୍ମରେ କୁକୁଡ଼ା ଗୁଡ଼ିକ ମରି ପଡୁଥିବା ଦୃଷ୍ଟିରୁ ଏହାର ନମୂନା ଯାଂଚ ପାଇଁ ଭୋପାଳକୁ ପଠାଯାଇଥିଲା। ଆଜି ସେ ରିପୋର୍ଟ ହସ୍ତଗତ ହୋଇଛି। ଏହି ରିପୋର୍ଟ ହସ୍ତଗତ ହେବା ପରେ ଆସନ୍ତା କାଲିଠାରୁ କୁକୁଡ଼ା ମାରିବା ଅଭିଯାନ ଆରମ୍ଭ ହେବ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି । ସେ ଆହୁରି କହିଛନ୍ତି ଯେ, ବାର୍ଡ଼ ଫ୍ଲୁ ଲାଗିଥିବାର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଂଚଳକୁ ସଂକ୍ରମିତ ଅଂଚଳ ଓ ଏକରୁ ଦଶ କିଲୋମିଟର ବ୍ୟାସାର୍ଦ୍ଧ ଅଂଚଳକୁ ନୀରିକ୍ଷଣ ଅଂଚଳ ରୂପେ ଘୋଷଣା କରାଯାଇଛି । ସଂକ୍ରମିତ ଅଂଚଳ ମଧ୍ୟରେ ଥବବା ସମସ୍ତ କୁକୁଡ଼ାଙ୍କୁ ମରାଯାଇ ଗଭୀର ଗାତରେ ପୋତିଦିଆଯିବ ଏବଂମାଟି ଘୋଡ଼ାଇବା ପୂର୍ବରୁସେଥବରେ ଚୂନ ଓ ବ୍ଲିଚିଂ ପାଉଡ଼ର ପରି ବିଶୋଧକ ପ୍ରୟୋଗ କରାଯିବ । ସଂକ୍ରମିତ ଅଂଚଳର ରାସ୍ତାଘାଟ ଓ ଅନ୍ୟାନ୍ୟ ସର୍ବସାଧାରର ସ୍ଥାନକୁ ମଧ ବ୍ଲିଚିଂ ପାଉଡ଼ର ପରି ବିଶୋଧକ ପ୍ରୟୋଗ କରାଯିବ । ସଂକ୍ରମିତ ଅଂଚଳର ରାସ୍ତାଘାଟ ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନକୁ ମଧ ବ୍ଲିଚିଂ ପାଉଡ଼ର ଦ୍ୱାରା ବିଶୋଧନ କରାଯିବାର ବ୍ୟବସ୍ଥା ହୋଇଛି ।କୁକୁଡ଼ା ମରା ଅଭିଯାନ ଓ ରୋଗ ନିୟନ୍ତ୍ରଣ ପାଇଁ ସରକାରଙ୍କ ତରଫରୁ ବାର ଗୋଟି ଦ୍ରୁତ କାର୍ଯ୍ୟକାରୀ ଦଳ (ରାପିଡ୍ ରେସପନ୍ସ ଟିମ) ନିଯୁକ୍ତ କରାଯାଇଛି । ଏ ମଧ୍ୟରୁ ସାତ ଗୋଟି ଦଳ କୁକୁଡ଼ା ମରା କାର୍ଯ୍ୟରେ ନିୟୋଜିତ ଥିଲା ବେଳେ ଅନ୍ୟ ପାଂଚଟି ଦଳ ନୀରିକ୍ଷଣ ଅଂଚଳରେ ରୋଗ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସଂକ୍ରମିତ ସ୍ଥାନର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଂଚଳରେ ରାପିଡ଼ ରେସପନ୍ସ ଟିମ୍ ଓୟୁଏଟି କୁକୁଡ଼ା ଫାର୍ମର କୁକୁଡ଼ା ଫାର୍ମର କୁକୁଡ଼ା ମାରିବା ସହ ମାଂସ ଦୋକାନ ଓ ଅନ୍ୟାନ୍ୟ ଫାର୍ମରେ ମହଜୁଦ ଥିବା କୁକୁଡ଼ାଙ୍କୁ ମାରି ଗଭୀର ଗାତରେ ପୋତିବା ସାଂଗକୁ ଘର ଘର ବୁଲି ଯେଉଁମାନେ କୁକୁଡ଼ା ରଖିଛନ୍ତି ସେ କୁକୁଡ଼ାଗୁଡ଼ିକୁ ମାରିବାର ବ୍ୟବସ୍ଥା କରିବେ । ନୀରିକ୍ଷଣ ଅଂଚଳରେ ନିୟୋଜିତ ଥିବା ଦ୍ରୁତ କାର୍ଯ୍ୟକାରୀ ଦଳ ନିୟମିତ ବ୍ୟବଧାନରେ କୁକୁଡ଼ାମାନଙ୍କ ରକ୍ତ, ଲାଳ ଓ ମଳ ଆଦି ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇବାର ବ୍ୟବସ୍ଥା କରାଯାଇଛି ।ବାର୍ଡ଼ ଫ୍ଲୁ ନିୟନ୍ତ୍ରଣ ସମ୍ବନ୍ଧୀୟ ସୂଚନା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ଓ ରାଜ୍ୟ ସ୍ତରରେ ନିୟନ୍ତ୍ରଣ କକ୍ଷମାନ କାର୍ଯ୍ୟ କରୁଛି । ରାଜ୍ୟସ୍ତରୀୟ ନିୟନ୍ତ୍ରଣ କକ୍ଷ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ମଙ୍ଗଳାବାଗ, କଟକ ଠାରେ କାର୍ଯ୍ୟ କରୁଛି ଓ ଏହାର ଟେଲିଫୋନ ନମ୍ବର ୦୬୭୧୨୪୧୪୩୧୦ ତଥା ଫାକ୍ସ ନମ୍ବର ୦୬୭୧୨୪୧୪୭୩୯ । ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ନିୟନ୍ତ୍ରଣ କକ୍ଷ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛି ଓ ଏହାର ଟେଲିଫୋନ ନମ୍ବର ୦୬୭୪୨୫୪୦୪୨୫ ।ବାର୍ଡ଼ ଫ୍ଲୁ ନିୟନ୍ତ୍ରଣ ପଦକ୍ଷେପ ସ୍ୱରୂପ କୌଣସି କୁକୁଡ଼ା ଓ କୁକୁଟଜାତୀୟ ପଦର୍ଥ, ସଂକ୍ରମିତ ସ୍ଥାନର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଂଚଳରୁ ବାହାରକୁ ଚାଲାଣ କରାଯାଇପାରିବ ନାହିଁ ଏବଂ ସଂକ୍ରମିତ ସ୍ଥାନର ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଂଚଳ ଭିତରକୁ ପ୍ରବେଶ କରିପାରିବ ନାହିଁ । ସରକାରଙ୍କ ତରଫରୁ ଜୀବାଣୁମୁକ୍ତ ପ୍ରମାଣପତ୍ର ପ୍ରଦାନର ୯୦ ଦିନ ପରେ ସଂକ୍ରମିତ ଅଂଚଳରେ କୁକୁଡ଼ା ଓ କୁକୁଟଜାତୀୟ ପଦାର୍ଥର ବ୍ୟବସାୟ କରାଯାଇପାରିବ । ସରକାରଙ୍କ ତରଫରୁ ଲୋକଙ୍କୁ ବାର୍ଡ଼ ଫ୍ଲୁ ବାବଦରେ ସଚେତନ କରିବାକୁ ସଚେନତନା କାର୍ଯ୍ୟକ୍ରମ କରାଯାଉଛି । ଏହି ଭାଇରସ୍ ମନୁଷ୍ୟଙ୍କୁ ଆକ୍ରାନ୍ତ କରିବା କ୍ୱଚିତ ଦେଖାଯାଇଥାଏ, ତେଣୁ ଲୋକମାନେ ଭୟଭୀତ ହେବାର କୌଣସି କାରଣନାହିଁ । ସୂଚନାଯୋଗ୍ୟ ଯେ, ବାର୍ଡ଼ଫ୍ଲୁକୁ ଦୃଷ୍ଟିରେ ରଖି ନନ୍ଦନକାନନରେ ପକ୍ଷୀ ବିହାର ବନ୍ଦ କରାଯିବ ବୋଲି ନନ୍ଦନ କାନନର କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ପରବର୍ତୀ ଆଦେଶ ଯାଏଁ ଏହା ବନ୍ଦ ରହିବ ।





## ଟି ଟାଇମ୍

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ। ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧା ଆଉ ଆପଣଙ୍କ ବିନା ଆଯୋଧା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

# ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

# ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଲବ୍ଧପ୍ରତିଷ୍ଠିତ ସାହିତ୍ୟିକ ଓ ବିଶିଷ୍ଟ ରାଜନୀତିଜ୍ଞ ଥିଲେ ଜାନକୀବଲ୍ଲଭ ପଟ୍ଟନାୟକ



ସାଧାରଣ ମଧ୍ୟବିତ୍ତ ପରିବାରରୁ ଆସିଥିଲେ ମଧ୍ୟ ନିଜର ସ୍ୱକୀୟ ନିଷ୍ଠା ଓ ସାଧନା ବଳରେ ସଫଳତାର ଉଚ୍ଚାଙ୍ଗ ଶିଖରକୁ ଛୁଇଁଥିବା ବିରଳ ବ୍ୟକ୍ତିତ୍ୱ ଥିଲେ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକ। ତାଙ୍କର ଏହି ସଫଳତା ତାଙ୍କର ରାଜନୈତିକ ଜୀବନୀ ତଥା ଚଉଦ ବର୍ଷର ମୁଖ୍ୟମନ୍ତ୍ରୀତ୍ୱ ମଧ୍ୟରେ ସୀମିତ ନ ଥିଲା। ଜଣେ ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ଏବଂ ଆସାମର ରାଜ୍ୟପାଳ ହେବାର ଗୌରବ ମାଧ୍ୟମରେ ପ୍ରସ୍ଫୁଟିତ ହୋଇଥିଲା। ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ଉଦୟ ମାର୍ତ୍ତଣ୍ଡ ତଥା ବିରଳ ସୌଭାଗ୍ୟ ଯଦି ଓଡ଼ିଶାରେ କାହାର ଥାଏ ତେବେ ସେହି ମହାନ ବ୍ୟକ୍ତିତ୍ୱ ଥିଲେ ଜାନକୀ ବଲ୍ଲଭ ପଟ୍ଟନାୟକ। ସତୀର୍ଥ ଖୋର୍ଦ୍ଧା ମାଟିର ରାମେଶ୍ୱର ଗ୍ରାମରେ ବିଶିଷ୍ଟ ଲେଖକ ଗୋକୁଳାନନ୍ଦ ପଟ୍ଟନାୟକଙ୍କ ସୁଯୋଗ୍ୟ ସନ୍ତାନଭାବେ ୧୯୨୭ ମସିହା ଜାନୁୟାରୀ ମାସ ୩ ତାରିଖରେ ସେ ଜନ୍ମ ଗ୍ରହଣ କରିଥିଲେ। ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାଙ୍କର ଅନ୍ତର୍ନିହିତ ଗୁଣ ପିଲାଟି ବେଳରୁ ବିକଶି ଉଠିଥିଲା। ଜଣେ ସୁଲେଖକ ପିତାଙ୍କ ସଠିକ ତତ୍ତ୍ୱାବଧାନରେ ଜାନକୀ ବାବୁ ନିଜର ସ୍କୁଲ ଶିକ୍ଷା ଓ ପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସଂସ୍କୃତରେ ସମ୍ମାନ ସହ ସ୍ନାତକ ଶିକ୍ଷା ସମାପ୍ତି କରିବା ପରେ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ କୃତିତ୍ୱର ସହ ସ୍ନାତକୋତର ଶିକ୍ଷା ସମାପ୍ତି କରିଥିଲେ। ପାଇକର ଉଦୟ ମାର୍ତ୍ତଣ୍ଡ ବକ୍ସି ଜଗବନ୍ଧୁଙ୍କ ନାମରେ ନାମିତ ଖୋର୍ଦ୍ଧାର ବକ୍ସି ଜଗବନ୍ଧୁ ବିଦ୍ୟାଳୟରେ ଅଧ୍ୟୟନ କାଳରେ ସେତେବେଳର ସୁଦକ୍ଷ ପ୍ରଧାନ ଶିକ୍ଷକ ବାଙ୍କନିଧି ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ସେ ତାଙ୍କ ଜୀବନରେ "ଖବର କାଗଜର ସମ୍ପାଦକ"ହେବା ପାଇଁ ଇଚ୍ଛାକରନ୍ତି। ତାଙ୍କର ଏ ମନୋଭାବ ପ୍ରମାଣ କରିଥାଏ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ଦୁଃଖ ଦୁର୍ଦ୍ଦଶା ସତେ ଯେପରି ନିଜର ମାନସ ପଟ୍ଟରେ ଆଙ୍କିହୋଇ ତା'ର ସଫଳ ସମାଧାନ କରିବା ପ୍ରଚେଷ୍ଟାରେ ଲାଗି ପଡ଼ିଥିଲେ। ଏହାକୁ ଅଧିକ ପ୍ରତିଫଳିତ କରିବା ପାଇଁ ଖବର କାଗଜ ହିଁ ଏକମାତ୍ର ମାଧ୍ୟମ ବୋଲି ସେ ବିଚାର କରିଥିଲେ।

ଈଶ୍ୱର ମନସ୍କରେ ତାଙ୍କୁ ଫଳ ପ୍ରଦାନ କରିଥିଲେ। ଉଚ୍ଚ ଶିକ୍ଷା ପରେ ପରେ ସେ ସାମ୍ବାଦିକତା ବୃତ୍ତିକୁ ଆପଣେଇ ନେଇଥିଲେ। ୧୯୪୯ରେ ଜଣେ ସାମ୍ବାଦିକ ଭାବେ ପ୍ରଜାତନ୍ତ୍ର ପ୍ରଚାର ସମିତିରେ ଯୋଗଦେଇ ଇଂରାଜୀ ଦୈନିକ "ଇଷ୍ଟର୍ଣ୍ଣ ଟାଇମସ୍" ଓ ଓଡ଼ିଆ ଦୈନିକ ପ୍ରଜାତନ୍ତ୍ରର ସମ୍ପାଦକଭାବେ ନିଜକୁ ପ୍ରତିଷ୍ଠା କରିଥିଲେ। ମାତ୍ର ୨୫ ବର୍ଷ ବୟସରେ ଦୁଇ ଦୁଇଟି ଦୈନିକ ସମ୍ବାଦ ପତ୍ରର ସମ୍ପାଦନା ଦାୟୀତ୍ୱ ତୁଲାଇବାରେ ବିରଳ ସୌଭାଗ୍ୟ କେବଳ ଯୋଗଜନ୍ମା ଜାନକୀ ବାବୁ ପାଇଥିଲେ। ଏହି ସାମ୍ବାଦିକତା ବୃତ୍ତି ହିଁ ତାଙ୍କ ଜୀବନରେ ଉନ୍ମୋଚିତ କରିଥିଲା ରାଜନୀତିର ପ୍ରଶସ୍ତ ପଥ। ପ୍ରମୁଖ ରାଜନେତାଙ୍କ ସହିତ ତାଙ୍କର ନିବିଡ଼ ସମ୍ପର୍କ ରାଜନୀତି ପ୍ରତି ତାଙ୍କ ଅଭିରୁଚିକୁ କ୍ରମେ ଅଧିକ ଉଦ୍ଦିପିତ କରିଥିଲା। ଆଉ ପଛକୁ ନ ଫେରି ସେ ୧୯୭୧ ମସିହାରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଏବଂ ପରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ପରିଷଦରେ ଉପମନ୍ତ୍ରୀ, ରାଷ୍ଟ୍ର ମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀ ଭାବେ ସୁଚାରୁରୂପେ କାର୍ଯ୍ୟ ନିର୍ବାହ କରିଥିଲେ। "ରାଜଧର୍ମ ଓ ରାଜନୀତି ସବୁ ନୀତି ମଧ୍ୟରେ ଶ୍ରେଷ୍ଠ ବୋଲି ଶ୍ରୀଯୁକ୍ତ ପଟ୍ଟନାୟକ ବିଶ୍ୱାସ କରୁଥିଲେ"। ଏଥିପାଇଁ ସାମ୍ବାଦିକତାପରେ ଦୀର୍ଘ ୪ ଦଶନ୍ଧି ପ୍ରତ୍ୟକ୍ଷ ରାଜନୀତିରେ ରହିବା କାଳରେ ସେଥିରୁ ୧୮ ବର୍ଷର ଶାସନ ରାଜନୀତିରୁ ପ୍ରାୟ ୧୪ବର୍ଷର ମୁଖ୍ୟମନ୍ତ୍ରୀତ୍ୱ କାଳରେ ସେ ଅନେକ ଆଖି ଦୃଶିଆ ପଦକ୍ଷେପ ନେଇଥିଲେ। ତାଙ୍କର ପ୍ରଚେଷ୍ଟାରେ ଓଡ଼ିଆ ଭାଷାର ଅଗ୍ରଗତି ହୋଇଥିଲା। ୧୯୮୦ରୁ ୧୯୮୯ ଓ ୧୯୯୫ରୁ୧୯୯୯ ଏହିପରି ତିନୋଟି ପର୍ଯ୍ୟାୟ ଦୀର୍ଘ ଅବଧିର ମୁଖ୍ୟମନ୍ତ୍ରୀତ୍ୱ କାଳରେ ଏକ ଗୁରୁତ୍ୱ ପୂର୍ଣ୍ଣ କାଳ ଖଣ୍ଡରେ ଓଡ଼ିଶାର ବହୁ ବିଧ ବିକାଶ ପାଇଁ ସେ ଯେଉଁ ଉଦ୍ୟମ କରିଥିଲେ ତାଙ୍କର ସେହିସବୁ ଉଦ୍ୟମ କିପରି ଓ କେତେ ମାତ୍ରାରେ ସଫଳ ହୋଇପାରିଥିଲା ତାହାର ତଥ୍ୟନିଷ୍ଠ ବିଶ୍ଳେଷଣକୁ ନେଇ ୨୦୧୦ମସିହାରେ ପ୍ରକାଶ ପାଇଥିବା ଏକ ସୁସମ୍ପାଦିତ ପୁସ୍ତକ "ଓଡ଼ିଶା ଶାସନର ଏକ ସ୍ୱର୍ଣ୍ଣ ଯୁଗ"। ଏହି ସମକାଳୀନ ଇତିହାସ ପୁସ୍ତକରେ ରାଜ୍ୟର ଓ ରାଜ୍ୟବାହାରର ୬୮ଜଣ ଲେଖକ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱର ଅନାସକ୍ତ ଆକଳନ କରିଛନ୍ତି। ନିଜର କ୍ୟାବିନେଟ ମନ୍ତ୍ରୀତ୍ୱ କାଳରେ ଦିଲ୍ଲୀ ଓ ଓଡ଼ିଶା ମଧ୍ୟରେ ବିଧାସଳଖ ରେଳ ଓ ବିମାନ ଚଳାଚଳ ବ୍ୟବସ୍ଥା ତାଙ୍କର ଥିଲା ଉଲ୍ଲେଖନୀୟ ଉଦ୍ୟମ।

ରେଭେନ୍ସା କଲେଜର ଛାତ୍ର ଥିବାବେଳେ ସେ ଭାରତୀୟ ସ୍ୱାଧିନତା ସଂଗ୍ରାମରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ୧୯୭୭ରୁ ୨୦୦୯ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ସେ ବହୁବାର କଂଗ୍ରେସ କମିଟିର ଗୁରୁତ୍ୱ ପୂର୍ଣ୍ଣ ପଦ ମଣ୍ଡନ କରି ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। କେବଳ ରାଜନୀତି କ୍ଷେତ୍ରରେ ନୁହେଁ, ଜଣେ ସଂସ୍କୃତ ବିଦ୍ୱାନ ଓ ସାରସ୍ୱତ ସାଧକଭାବରେ ସେ ବିପୁଳ ଯଶ ଖ୍ୟାତିର ଅଧିକାରୀ ଥିଲେ। ୧୯୬୭ ମସିହାରେ ସେ "ପୌରୁଷ" ନାମକ ଏକ ମାସିକ ପତ୍ରିକା ପ୍ରକାଶ କରି ବିପୁଳ ଯଶ ଖ୍ୟାତି ଅର୍ଜନ କରିଥିଲେ ଯାହା ଆଜି ମଧ୍ୟ ପାଠକ ମହଲରେ ଆଦୃତ ଲାଭ କରିଛି। ଜଣେ ସଂସ୍କୃତ ବିଦ୍ୱାନ ଭାବରେ ସେ ପୁରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟରୁ ସମ୍ମାନ ସୂଚକ "ପ୍ରଜ୍ଞାନ ବାଚସ୍ପତି" ଉପାଧି ଏବଂ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ପକ୍ଷରୁ ଡି.ଲିଟ୍ ଲାଭ କରିଥିଲେ। ୨୦୦୮ ମସିହାରେ ସେ ତିରୁପତି ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳାଧିପତିଭାବେ ଅବସ୍ଥାପିତ ହୋଇଥିଲେ।

ଜଣେ ପ୍ରବୀଣ ଲେଖକ ଭାବେ ତାଙ୍କର ପ୍ରଥମ ପ୍ରକାଶିତ ପୁସ୍ତକ ଥିଲା "ଗୌତମ ବୁଦ୍ଧ"। ୨୫ଶତତମ ବୁଦ୍ଧ ଜୟନ୍ତୀ ବର୍ଷରେ ୧୯୫୬ ମସିହାରେ ଏହା ପ୍ରଥମେ ପ୍ରକାଶ ପାଇ ବିପୁଳ ପାଠକୀୟ ଆଦୃତ ଲାଭ କରିଥିଲା। ହିନ୍ଦୁ ଧର୍ମର ତିନୋଟି ମହାକାବ୍ୟ ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତ ଗୀତାର ଗଦ୍ୟାନୁବାଦ ସହିତ ଭର୍ତ୍ତୃହରିଙ୍କ ତିନୋଟି ଶତକର ଅନୁବାଦ ମଧ୍ୟ ତାଙ୍କର ସଫଳ ସାହିତ୍ୟକୃତି ଥିଲା। "ବୈରାଗ ଶତକ" ପାଇଁ ସେ ୧୯୭୬ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ "ବଙ୍କିମ ଉପନ୍ୟାସ ମାଳା"ର ଅନୁବାଦ ପାଇଁ ୨୦୦୧ରେ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ଏଥି ସହିତ ତାଙ୍କର ଅନେକ ସାହିତ୍ୟକୃତି ମଧ୍ୟରୁ "ସିନ୍ଧୁ ଉପତ୍ୟକା" କବିତା ପୁସ୍ତକ ଏବଂ "ସ୍ୱପ୍ନ ସଂକଳ୍ପ" ସମେତ ଅନ୍ୟ କେତୋଟି ପ୍ରବନ୍ଧ ସଂଗ୍ରହ ଅତି ମନଛୁଆଁ।

"ରାମକୃଷ୍ଣ କଥାମୃତର ପୁନର୍କଥନ" "ମାଗୁଣୀର ଫୁଲ ଓ ଅନ୍ୟାନ୍ୟ ଗଳ୍ପ" ତାଙ୍କର ଏକ ଅନବଦ୍ୟ ପ୍ରକାଶିତ ପୁସ୍ତିକା। ୨୦୦୯ରେ ଆସାମର ରାଜ୍ୟପାଳ ଭାବରେ ଅବସ୍ଥାପିତ କାଳରେ ସେ ଓଡ଼ିଶା ଓ ଆସାମ ମଧ୍ୟରେ ସାଂସ୍କୃତିକ ସମନ୍ୱୟ ସହିତ ଏ ଦୁଇ ରାଜ୍ୟର ଭାବମୂର୍ତ୍ତିକୁ ଭାରତୀୟ ଭୂମିରେ ଉଜ୍ଜ୍ୱଳ କରିବା ପାଇଁ ତାଙ୍କର ପ୍ରୟାସ ଥିଲା ପ୍ରଣିଧାନ ଯୋଗ୍ୟ। ଦେଶର ବିକାଶ କ୍ଷେତ୍ରରେ ଉଲ୍ଲେଖ ନୀୟ ଅବଦାନ ପାଇଁ ନୂଆ ଦିଲ୍ଲୀସ୍ଥିତ "ଗାନ୍ଧୀ ଗ୍ଲୋବାଲ ଫ୍ୟାମିଲି" ପକ୍ଷରୁ ତାଙ୍କୁ ସମ୍ମାନ ଜନକ "ମହାତ୍ମା ଗାନ୍ଧୀ ସେବା ପଦକରେ"ଭୂଷିତ କରାଯାଇଥିଲା। ଆଜି ସେହି ଯୋଗ ଜନ୍ମାଙ୍କର ଜନ୍ମ ଜୟନ୍ତୀ ଯୁବ ନେତା ସଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସେହି ଉର୍ଦ୍ଧସ୍ୱଳା ଖୋର୍ଦ୍ଧା ମାଟିରେ ପାଳନ କରାଯାଉଛି। ଯାହା ଖୋର୍ଦ୍ଧାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ।



**ଉମାଶଙ୍କର ପ୍ରସାଦ, କବି ତଥା ସ୍ତମ୍ଭକାର, ଖୋର୍ଦ୍ଧା**

# ସାଇଦର୍ଶନ ଓ ସାଇକୃପା



ଭଗବାନ ଶ୍ରୀସତ୍ୟସାଇ ବାବା ମହାସମାଧି ଗ୍ରହଣ କରିବାର ନଅବର୍ଷ ଆସି ଉପସ୍ଥିତ। ସେ ତାଙ୍କ ସ୍ଥୁଳ ଶରୀର ତ୍ୟାଗ କରିଛନ୍ତି ସତ କିନ୍ତୁ ଆଶ୍ରିତ ମାନଙ୍କୁ ତ୍ୟାଗ କରିନାହାନ୍ତି। ଏବେ ମଧ୍ୟ ସୂକ୍ଷ୍ମରେ ସମସ୍ତ ଦୈବୀକର୍ତ୍ତବ୍ୟ ମାନ ପୂର୍ବବତ୍ ସମ୍ପାଦନ କରିଚାଲିଛନ୍ତି। ଏଥିରୁ ସୂଚିତ ହେଉଛି ଯେ ଅବତାରଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଭକ୍ତ ବା ଆଶ୍ରିତମାନଙ୍କ ପକ୍ଷରେ ସମାନ କଥା। ସେମାନଙ୍କ ବଳ ତାଙ୍କ ପ୍ରାର୍ଥନା ଓ ଅନ୍ତରର ପବିତ୍ରତା ଯାହାକୁ ନିର୍ଭର କରି ସେମାନେ ନିଶ୍ଚିନ୍ତରେ ରହିପାରନ୍ତି ଓ ଭଗବତ୍ କୃପା ଲାଭ କରିପାରନ୍ତି। ସେ ସ୍ଥୁଳ ଶରୀରରେ ଥିଲାବେଳେ କହୁଥିଲେ ''ମୋ କଥା ମାନିବା ହିଁ ମୋ କୃପା ପାଇବାର ଉପାୟ''। ମହାସମାଧି ଗ୍ରହଣ କରିବା ପରେ ମଧ୍ୟ ତାଙ୍କ ପୂର୍ବ ପ୍ରଦତ୍ତ ବାକ୍ୟ ରକ୍ଷା କରିବାରେ ସେ ପୂର୍ଣ୍ଣ ମାତ୍ରାରେ ସମର୍ଥ। ଦିବ୍ୟସମ୍ଭାଷଣ ଓ ସେ ନିଜର ଦୈବୀଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦକୁ ବ୍ୟବହାର କରି କୋଟି କୋଟି ବ୍ୟକ୍ତିଙ୍କ ଅନ୍ତରରେ ଆନନ୍ଦ ଖେଳାଇ ପାରିଛନ୍ତି। ସେବାକାର୍ଯ୍ୟରେ ନିୟୋଜିତ କରି ସହସ୍ର ସହସ୍ର ବ୍ୟକ୍ତିଙ୍କୁ ସ୍ୱାଭାବିକ ଆନନ୍ଦ ଉପଲବ୍ଧି କରାଇପାରିଛନ୍ତି। ଭଜନ ଓ ନାମ ସ୍ମରଣ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ନରନାରୀଙ୍କ ଠାରେ ଆନନ୍ଦ ପ୍ଲାବନ କରିପାରିଛନ୍ତି। ଦିବ୍ୟ ସମ୍ଭାଷଣ ମାଧ୍ୟମରେ ପ୍ରଦାନ କରୁଥିବା ଭାବାତୀତ ଶିକ୍ଷାକୁ ଜୀବନରେ ଯେଉଁମାନେ ବ୍ୟବହାର କରିଛନ୍ତି ସେ ସମସ୍ତେ ଅପାର ଆନନ୍ଦ ଲାଭ କରିଛନ୍ତି। ସର୍ବୋପରି ଏଭଳି ଐଶ୍ୱରିକ ଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ ପୂର୍ବକ ନିଜର ଭାଗ୍ୟକୁ ପ୍ରଶଂସା କରି ସମଗ୍ର ମାନବଜାତି ନିଜକୁ ଧନ୍ୟ ମନେକରୁଛି। ସମୟର ପ୍ରଭାବ, ଯୁଗ ଧର୍ମ, ଅଜ୍ଞାନ ଓ ଅହଂକାରର ବଶବର୍ତ୍ତୀ ହୋଇ ଆଜି ମଣିଷ ଅମଣିଷ ପାଲଟି ଯାଉଛି। ଦୈନିକ ସମ୍ବାଦପତ୍ର ତାହାର ପ୍ରମାଣ। ମଣିଷ ଜାଣିପାରୁନାହିଁ କ'ଣ କରଣୀୟ, କ'ଣ ଅକରଣୀୟ, ବିବେଚନାଶକ୍ତି ହରାଇ ମଣିଷ ତାହାଠାରୁ ନିମ୍ନ ପ୍ରବୃତ୍ତି ସମ୍ପନ୍ନ କର୍ମମାନ କରିବସୁଛି। ବିବେକ କ'ଣ, କେଉଁଠି ଥାଏ, ସେ କଣ କରେ, ତାହା ଜାଣିଥିବା ଲୋକେ ଆଜି ବିରଳ। ଜୀବନଯାପନ କରିବାର ସଠିକ ମାର୍ଗ ଆଜି ବିସ୍ମୃତ ଏବଂ ତାହାର ପରିଣାମ କି କଷ୍ଟଦାୟକ ! ଅଧିକାଂଶ ଏକ ଉତ୍ତପ୍ତ, ଅନୁତପ୍ତ ଓ ଚାପଗ୍ରସ୍ତ ଜୀବନର ଅସହ୍ୟ ଦୁଃଖରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ବାବା କିନ୍ତୁ ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରାୟଶ୍ଚିତ କରିବାକୁ କହନ୍ତି ନାହିଁ। ତାଙ୍କର ପ୍ରଚଣ୍ଡ କ୍ଷମାଶକ୍ତି ବ୍ୟବହାର କରି କହନ୍ତି 'ତୁମେ କିଛିଟା ଭୁଲ କରିଦେଇଛ ମୁଁ, ସେସବୁକୁ କ୍ଷମା କରିଦେଉଛି, ଅତୀତକୁ ଭୁଲିଯାଅ, ନୂଆ କରି ଏକ ଜୀବନ ଆରମ୍ଭ କର।' ସେ ସ୍ନେହରେ ଆମ ହାତକୁ ଧରି ସତ୍ ପଥକୁ ଘେନି ଆସନ୍ତି, ଅନ୍ତରରେ ସଂସ୍କାର ଭରି ଦିଅନ୍ତି, ମନରେ ଦୃଢ଼ତା ବୃଦ୍ଧି କରି ନୂତନ ଜୀବନ ପଥରେ ଆମକୁ କେବଳ ଛାଡ଼ି ଦିଅନ୍ତି ନାହିଁ, ଆମ ସହିତ ନିଜେ ମଧ୍ୟ ଚାଲନ୍ତି। ନୈତିକ ଜୀବନର ସ୍ୱାଦ ଚଖାଇ ଅନୈତିକ ମାର୍ଗର ତିକ୍ତତା ଅନୁଭବ କରାଇ



ଦିଅନ୍ତି। ଶୃଙ୍ଖଳିତ ଜୀବନର ନିରାପତ୍ତା ଭୋଗ କରାଇ ବିଶୃଙ୍ଖଳିତ ଜୀବନ ପାଇଁ ଅରୁଚି ସୃଷ୍ଟିକରି ଦିଅନ୍ତି। ତାଙ୍କ ଦିବ୍ୟଜୀବନର ନିଦର୍ଶନ ମାଧ୍ୟମରେ ମଣିଷ ଠାରେ ଦିବ୍ୟ ଜ୍ଞାନ ଉଦ୍ରେକ କରାଇ ଦିଅନ୍ତି ଯାହାଫଳରେ ଲୋକେ ପ୍ରେୟ ମାର୍ଗ ଛାଡ଼ି ଶ୍ରେୟ ମାର୍ଗ ଅବଲମ୍ବନ କରିଥାନ୍ତି ଏବଂ ସ୍ୱଅର୍ଜିତ ଆନନ୍ଦ ଉପଭୋଗ କରିପାରନ୍ତି। ଅଭାବି ଲୋକଙ୍କର ଅଭାବ ପୂରଣ କରିବା ଭଗବାନଙ୍କ ପାଇଁ ଖୁବ୍ ସହଜ, ସେମାନଙ୍କର ନିତାନ୍ତ ଆବଶ୍ୟକ ହୁଏ, ଖାଦ୍ୟ, ବସ୍ତ୍ର ଓ ବାସଗୃହ। ଏଗୁଡ଼ିକ ଯିଏ ପୂରଣ କରେ ସେମାନେ ପୁଣ୍ୟ ଅର୍ଜନ କରନ୍ତି। ଅନ୍ୟପକ୍ଷରେ ଅଭାବିର ଅଭାବ ଦୂର ହୁଏ। ଅଭାବ ମୁଖ୍ୟତଃ ଦୁଇପ୍ରକାରର ଥାଏ। ପ୍ରଥମଟି ପ୍ରକୃତ ଅଭାବ ଓ ଦ୍ୱିତୀୟଟି ଲୋଭ ଜନିତ ଅଭାବ, ଯାହା କେବେହେଲେ ପୂରଣ ହୋଇପାରିବ ନାହିଁ। ସଂସାରରେ ଏଭଳି ଲୋକ ଅଛନ୍ତି ଯେଉଁମାନେ ଦରିଦ୍ର ମାନଙ୍କ ଆବଶ୍ୟକତା ପୂରଣ କରିପାରିବେ କିନ୍ତୁ ଲୋଭଜନିତ ଅଭାବର ପରିସମାପ୍ତି ନ ଥାଏ। ସଂଗଠନ ମାଧ୍ୟମରେ ତାଙ୍କ ଆଶ୍ରିତମାନଙ୍କୁ ଶିକ୍ଷା ଦେଇ ବାବା ଲୋଭ କମାଇବା ଓ ତ୍ୟାଗଭାବ ବଢ଼ାଇବାର ଶିକ୍ଷା ଦେଇ ଅଭାବି ମାନଙ୍କ ଇଚ୍ଛା ପୂରଣ କରିଦେଇଥାନ୍ତି। ସବୁଠାରୁ ବଡ଼କଥା ହେଲା ପରିସ୍ଥିତିର ଦାସ ହୋଇ ମଣିଷ ଯେତେବେଳେ ବିପଦର ସମ୍ମୁଖୀନ ହୋଇଛି କେବଳ ଗୋଟିଏ ନିଷ୍ପାପର ପ୍ରାର୍ଥନା ବଦଳରେ ସେ ପାଇଛି ଅଭୟ ଏବଂ ସକାରାତ୍ମକ ପ୍ରତିଶ୍ରୁତି। ଦୁର୍ଘଟଣାରୁ ଉଦ୍ଧାର ପାଇବା, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ଓ ଦୂରାତ୍ମାଙ୍କ କବଳରୁ ବର୍ତ୍ତିଯିବାର ଉଦାହରଣ ଅସଂଖ୍ୟ। ନିଜ ଜୀବନର ଦୃଷ୍ଟାନ୍ତ ଦେଇ ସମଗ୍ର ମାନବ ଜାତିକୁ ପ୍ରେମ ଓ ସେବା ମନ୍ତ୍ରରେ ଦୀକ୍ଷିତ କରାଇ ଭଗବାନ ବାବା ଆଶ୍ରିତ ମାନଙ୍କ ସହ ଆଣ ଆଶ୍ରିତମାନଙ୍କ ବହୁ ଉପକାର ଏପରିକି ଆତ୍ମଜ୍ଞାନ ସାଧନା କରାଇଛନ୍ତି। ସର୍ବଧର୍ମ ସମନ୍ୱୟ ପ୍ରତିଷ୍ଠା କରି, ଧର୍ମ ଧର୍ମ ଭିତରେ ଥିବା ବିଦ୍ୱେଷ ଭାବ ଦୂରକରି, ସମାଜରେ ସହାବସ୍ଥାନ ସମ୍ଭବ କରାଇ ପାରିଛନ୍ତି। ତାଙ୍କ ଦିବ୍ୟ ପ୍ରେମର ପ୍ରସାର ଘଟାଇ ଲୋକ ମାନଙ୍କ ପ୍ରେମ ବଳୟକୁ ଅଧିକ ସମ୍ପ୍ରସାରିତ କରାଇ ମାନବ ଜୀବନକୁ ସରଳ, ତରଳ ଓ ଉପଭୋଗ୍ୟ କରାଇ ପାରିଛନ୍ତି। ତାଙ୍କ ପାଇଁ ଯେତେ କୋଟି ଜୟକାର ଦେଲେ ବି ତାହା ଯଥେଷ୍ଟ ନୁହେଁ ।

**ଇଂ. ସଚ୍ଚିଦାନନ୍ଦ ନନ୍ଦ, ଅଲିଶା ବଜାର, କଟକ, ଦୂରଭାଷ : ୯୪୩୭୫୧୧୨୩୦**

# ଓଡ଼ିଶାରେ ମ୍ୟାଲେରିଆ ହ୍ରାସ



ଓଡ଼ିଶାରେ ମ୍ୟାଲେରିଆକୁ ମୂଳପୋଛ କରିବା ଲାଗି ରାଜ୍ୟ ସରକାର ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିକ ଜନହିତକର କାର୍ଯ୍ୟକ୍ରମ ପାଇଁ ଅଣ୍ଟା ଭିଡ଼ିଛନ୍ତି। ରାଜ୍ୟରୁ ମ୍ୟାଲେରିଆ ମୂଳୋତ୍ପାଟନ ପାଇଁ ଦୁଇଟି ସବ୍‌କମିଟି ଗଠନ ହେବା ସହ ଏହି କମିଟି ମ୍ୟାଲେରିଆ ବିଲୋପ ପାଇଁ ଖସଡ଼ା ପ୍ରସ୍ତୁତି କରିବ ଏହା ସହ ମାନବ ସମ୍ବଳର ବିନିଯୋଗ ଉପରେ ଧ୍ୟାନ ଦିଆଯିବା ସହ ୨୦୨୦ ମସିହା ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧କୋଟି ୧୩ଲକ୍ଷ ଔଷଧୀୟ ମଶାରୀ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଅନୁରୋଧ କରିବେ। ନିକଟରେ ରାଜ୍ୟସ୍ତରୀୟ ଟାକ୍ସଫୋର୍ସ ମ୍ୟାଲେରିଆ ନିରାକରଣ ପାଇଁ ଏହି ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ମ୍ୟାଲେରିଆର ସଫଳ ନିରାକରଣ ପାଇଁ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହା ଜାରି ରହିବ ବୋଲି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟ ଖସଡ଼ାରେ 'ଟାଟା ଟ୍ରଷ୍ଟ', 'ମ୍ୟାଲେରିଆ ନୋ ମୋର' ଭଳି ସଂସ୍ଥାମାନେ ବୈଷୟିକ ସହାୟତା ଯୋଗାଇଦେବେ। ୨୦୨୭ ସୁଦ୍ଧା ରାଜ୍ୟରୁ ମ୍ୟାଲେରିଆ ବିଲୋପ ପାଇଁ ଏକ ଯୋଜନାବଦ୍ଧ ଓ ଲୁକାଭିମୁଖୀ ଲକ୍ଷ୍ୟ ନେଇ କାମ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟରୁ ମ୍ୟାଲେରିଆର ବିଲୋପ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ୨୦୩୦ ମସିହାକୁ ସମୟ ଧାର୍ଯ୍ୟ ହୋଇଛି। ୨୦୨୭ରୁ ତିନି ବର୍ଷ ପାଇଁ ସ୍ୱାସ୍ଥ୍ୟ ସଙ୍ଗଠନ ସ୍ଥିତି ଅନୁଧ୍ୟାନକରି ସାର୍ଟିଫିକେଟ ପ୍ରଦାନ କରିବେ। ୨୦୧୬ ମସିହାରେ ଔଷଧୀୟ ମଶାରି ବଣ୍ଟନ ପରେ ରାଜ୍ୟରୁ ମ୍ୟାଲେରିଆ ରେକର୍ଡ଼ ପରିମାଣରେ ହ୍ରାସ ପାଇଛି। ସୂଚନା ଥାଉକି ଏହି ମାଶରୀର ସମୟ ଅବଧି ତିନିବର୍ଷ ରହିଛି। କେନ୍ଦ୍ରରୁ ମଶାରୀ ମିଳିବାରେ ବିଳମ୍ବ ହେଲେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରୁ ମଶାରୀ କିଣି ତାହାକୁ ଔଷଧୀୟ ପାଣିରେ ବୁଡ଼ାଇ ଲୋକଙ୍କୁ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏପରିକି ଯେଉଁ ମାନଙ୍କ ନିକଟରେ ମଶାରୀ ରହିଛି ପ୍ରତି ଛଅ ମାସରେ ଥରେ ଔଷଧ ବୋଳିବା ପାଇଁ ମଧ୍ୟ ସ୍ଥିର ହୋଇଛି। ମ୍ୟାଲେରିଆ ନିରାକରଣ କାର୍ଯ୍ୟକୁ ଅଧିକ ବ୍ୟାପକ କରିବା ଲାଗି ମାନବ ସମ୍ବଳ ଆବଶ୍ୟକ ପଡୁଥିବାରୁ ବିଭାଗରେ ଥିବା ନିୟମିତ କର୍ମଚାରୀଙ୍କୁ ଏଥିରେ ନିୟୋଜିତ ଲାଗି ମତ ପ୍ରକାଶ ପାଇଛି। ସୂଚନାଥାଉକି ଓଡ଼ିଶାରେ ୯୦ପ୍ରତିଶତ ମ୍ୟାଲେରିଆ ହ୍ରାସ ପାଇଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରଶଂସା କରାଯାଇଛି। ଓଡ଼ିଶାର ଏଭଳି ସଫଳତା ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଚିଠି ଲେଖି ଧନ୍ୟବାଦ ଜଣାଇଛନ୍ତି। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲ୍ୟୁ ଏଚ୍‌ଓ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମ୍ୟାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ସବୁଠାରୁ ଅଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମ୍ୟାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମ୍ୟାଲେରିଆ ଆକ୍ରାନ୍ତ ଓ ମ୍ୟାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମ୍ୟାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରିବା ଉଚିତ। ବିଶ୍ୱର ସର୍ବାଧିକ ମ୍ୟାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି। ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମ୍ୟାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ। ୨୦୦୦ ମସିହାରୁ ୨୦୧୬ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୮୧ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ୨୦୧୮ ଶେଷ ବେଳକୁ ଯାଇ ଭାରତ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଲଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି। ଶ୍ରୀଲଙ୍କା ମଧ୍ୟ ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର। ଭାରତରେ ଏବେ ବି ମ୍ୟାଲେରିଆର ପ୍ରକୋପ ଭୟଙ୍କର। କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମ୍ୟାଲେରିଆ ପ୍ରବଣ। ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମ୍ୟାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ। ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମ୍ୟାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ। ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମ୍ୟାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମ୍ୟାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମ୍ୟାଲେରିଆ ପ୍ରବଣ ହୋଇପଡୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମ୍ୟାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ। ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଇପ୍‌ସିତ ସୁଫଳ ମିଳି ନାହିଁ। ମ୍ୟାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି। ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମ୍ୟାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ।

**ପ୍ରଫେସର ଡାକ୍ତର ଜୟନ୍ତ କୁମାର ପଣ୍ଡା, ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଭେଷଜ ବିଭାଗ, ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲ, କୋରାପୁଟ, ଦୂରଭାଷ: ୦୬୭୧୨୩୦୨୩୦୦**

# ଅରୁନ୍ଧତୀ ବିହାର ଟ୍ରଷ୍ଟର ଚତୁର୍ଥ ବାର୍ଷିକୀ ଉତ୍ସବ



ଭୁବନେଶ୍ୱର (ପିଏନ୍): କାଇମାଟିଆ ଜାଗମରାସ୍ଥିତ ଅରୁନ୍ଧତୀ ବିହାର ୱେଲଫାୟାର୍ ଟ୍ରଷ୍ଟର ଚତୁର୍ଥବାର୍ଷିକୀ ସମାରୋହ ମଙ୍ଗଳବାର ସନ୍ଧ୍ୟାରେ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ କାହ୍ନୁରଞ୍ଜନ ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ସଭ୍ୟବୃନ୍ଦଙ୍କୁ ୨୦୨୦ ନବବର୍ଷର ଶୁଭେଚ୍ଛା ଜଣାଇ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଅଭିଭାଷଣରେ ସେ କହିଥିଲେ ଯେ ଏଠାରେ ବସବାସ କରୁଥିବା ବନ୍ଧୁମାନଙ୍କ ଆନ୍ତରିକ ସହଯୋଗରେ ଅରୁନ୍ଧତୀ ବିହାର ପଞ୍ଚମବର୍ଷରେ ପଦାର୍ପଣ କରିଛି। ପରିସରର ସର୍ବାଙ୍ଗୀନ ଉନ୍ନତିରେ ପ୍ରତ୍ୟେକ ବାସିନ୍ଦା ସହଯୋଗର ହାତ ବଢ଼ାଇଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ଟ୍ରଷ୍ଟର ସଚିବ ଶ୍ରୀ ମନୋଜ ପଟ୍ଟନାୟକ ଅରୁନ୍ଧତୀ ବିହାରର ବିକାଶ ସଂପର୍କରେ ସୂଚନା ଦେଇ କହିଥିଲେ ଯେ ବିଗତବର୍ଷ ତୁଳନାରେ ଚତୁର୍ଥ ବର୍ଷରେ ଅନେକ ବିକାଶମୂଳକ କାର୍ଯ୍ୟ ସଂପାଦିତ ହୋଇଛି। ଆଗାମୀ ଦିନରେ ଆହୁରି ଅତ୍ୟାଧୁନିକ ଢଙ୍ଗରେ ସାଜସଜ୍ଜା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଦସ୍ୟ ଶ୍ରୀ ଅଭିମନ୍ୟୁ ନନ୍ଦ କହିଥିଲେ ଯେ ଅରୁନ୍ଧତୀ ବିହାରବାସୀ ପରସ୍ପର ସ୍ନେହବନ୍ଧନରେ କାଳାତିପାତ କରୁଥିବାରୁ ବିହାର ପରିସରରେ ସ୍ୱର୍ଗୀୟ ଆନନ୍ଦ ଅନୁଭୂତ ହେଉଛି। ଏହି ଅବସରରେ ବରିଷ୍ଠ ସଭ୍ୟ ଶରତଚନ୍ଦ୍ର ବିଶୋଇଙ୍କୁ ଶୀତବସ୍ତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ନବବର୍ଷକୁ ସ୍ୱାଗତ ଜଣାଇ ବିହାର ପରିସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ସମସ୍ତ ପରିବାର ଯୋଗଦେଇ ଉତ୍ସବର ଭରପୁର ମଜ୍ଜା ଉଠାଇଥିଲେ।

# ଦେଶ ପାଇଁ ଶହୀଦ୍ ମାଧୋ ସିଂଙ୍କ ପରିବାରର ବଳିଦାନ ଅବିସ୍ମରଣୀୟ

ଭୁବନେଶ୍ୱର (ପିଏନ୍): ଦେଶର ସ୍ୱାଧୀନତା ପାଇଁ ଅନେକ ବୀର ଜୀବନ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୧୮୫୭-୫୮ ମସିହା ସମୟରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ବ୍ରିଟିଶ୍ ଶାସକଙ୍କ ବିରୋଧରେ ଚଳାଇଥିବା ସଂଗ୍ରାମରେ ତାଙ୍କୁ ବିଭିନ୍ନ ଅଂଚଳରୁ ଯେଉଁ ସହଯୋଗ ମିଳିଥିଲା, ତନ୍ମଧ୍ୟରୁ ବରଗଡ ଜିଲ୍ଲା ଘେଂସ ଜମିଦାର ମାଧୋ ସିଂହ ବରିହା ଓ ତାଙ୍କର ପରିବାରର ସଦସ୍ୟଙ୍କ ଅବଦାନ ଅତୁଳନୀୟ ଥିଲା ବୋଲି ସ୍ଥାନୀୟ ଜୟଦେବ ଭବନଠାରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ, ଶହୀଦ୍ କୁଳ ସିଂ କ୍ଲବ୍, ଘେଁସ, ବରଗଡ ଏବଂ ପଶ୍ଚିମ ଓଡିଶା ଅଗ୍ରଣୀ ସଂଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଜଳ ସଂପଦ, ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ଏହା ପ୍ରକାଶ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦାସ କହିଲେ ଯେ, ଶହୀଦ୍ ମାଧୋ ସିଂଙ୍କ ଭଳି ଆମ ରାଜ୍ୟର ବହୁ ସଂଗ୍ରାମୀ ଦେଶ ପାଇଁ ପ୍ରାଣବଳି ଦେଇଛନ୍ତି। ସେମାନଙ୍କ ସଂପର୍କରେ ଅଧିକ ଗବେଷଣା ଓ ଆଲୋଚନା ହେଲେ ଏହା ଆଗାମୀ ପିଢିକୁ ପ୍ରେରଣା ଯୋଗାଇବ।

ସଂପ୍ରତି ଶହୀଦ୍ ମାଧୋ ସିଂଙ୍କ ଫାଶୀ ଦିବସକୁ ରାଜ୍ୟ ସରକାରଙ୍କ ତରଫରୁ ପ୍ରତିବର୍ଷ ବୀରତା ଦିବସ ରୂପେ ପାଳନ କରାଯାଉଛି। ପ୍ରାରମ୍ଭରେ ଅତିଥିମାନେ ଶହୀଦ୍ ମାଧୋ ସିଂଙ୍କ ତୈଳଚିତ୍ରରେ ପୁଷ୍ପଅର୍ଘ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଦେଶ ପାଇଁ ଘେଁସ ପରିବାରର ଅବଦାନ ପ୍ରତି ସମ୍ମାନ ଜଣାଇ ସେହି ପରିବାରର କୁଳବଧୁ ଶ୍ରୀମତୀ ମମତା ସିଂ ବରିହାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ଏହି ରାଜ୍ୟ ସ୍ତରୀୟ ଜୟନ୍ତୀ ସମାରୋହ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂହ ଯୋଗଦେଇ ଘେଁସ ପରିବାରର ସଦସ୍ୟମାନଙ୍କର ବଳିଦାନର ଗାରିମାମୟ ଇତିହାସ ସଂପର୍କରେ ପାଠ୍ୟପୁସ୍ତକରେ ସ୍ଥାନିତ କରାଯିବାକୁ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ସାଂସଦ ଶ୍ରୀ ପ୍ରଭାସ କୁମାର ସିଂ କହିଲେ ଯେ, ଘେଁସ ପରିବାରର ସେହି ସଂଗ୍ରାମୀମାନଙ୍କର ବୀରତ୍ୱର କାହାଣୀ ସଂପର୍କରେ ଅଧିକ ଗବେଷଣା ଓ ସ୍ମୃତିରକ୍ଷା ପାଇଁ ଅଧିକରୁ ଅଧିକ ଅଧ୍ୟୟନର ଆବଶ୍ୟକତା ରହିଛି। ଏ ଦିଗରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଘେଁସଠାରେ ସ୍ମୃତି ଭବନ ନିର୍ମିତ ହୋଇଥିବା ରାଜ୍ୟ ସରକାରଙ୍କର ଏକ ସ୍ମରଣୀୟ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ।

ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରି ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର ଶହୀଦ୍ ମାଧୋ ସିଂ ଓ ତାଙ୍କ ପରିବାରର ସଦସ୍ୟମାନଙ୍କର ବଳିଦାନକୁ ସ୍ମରଣ କରି ଆମ ସମସ୍ତଙ୍କୁ ଦେଶ ଓ ଜାତିପାଇଁ କାର୍ଯ୍ୟକରି ଆଗକୁ ବଢିବାର ଅଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗବେଷକ ତଥା ଶିକ୍ଷାବିତ୍ ପ୍ରଫେସର ପ୍ରୀତୀଶ ଆଚାର୍ଯ୍ୟ ଯୋଗଦେଇ କହିଲେ ଯେ, ୧୮୫୭ ସିପାହୀ ବିଦ୍ରୋହ ସମୟ ଓ ଏହାପୂର୍ବରୁ ଯେଉଁଭଳି ଭାବେ ବୀରତ୍ୱର ପରାକାଷ୍ଠା ଦେଖାଇ ବ୍ରିଟିଶ୍ ଶାସନର ଅନ୍ୟାୟ, ଅତ୍ୟାଚାର ବିରୋଧରେ ଲଢିଥିଲେ ତାହାର ପଟ୍ଟାନ୍ତର ନାହିଁ। ମାଧୋ ସିଂଙ୍କ ସହିତ ତାଙ୍କ ୪ ପୁତ୍ର କୁଳ ସିଂ, ହଟେ ସିଂ, ବୈରୀ ସିଂ ଓ ଐରୀ ସିଂ ମଧ୍ୟ ଏହି ସଂଗ୍ରାମରେ ଶହୀଦ୍ ହୋଇଥିଲେ। ଜନ୍ମମାଟି ପାଇଁ ଆତ୍ମୋତ୍ସର୍ଗ ଦେଇଥିବା ସମସ୍ତ ବୀରମାନଙ୍କ ସମ୍ମାନ ପାଇଁ ଏହି ଦିବସ ଉଦ୍ଦିଷ୍ଟ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ମାନ୍ୟବର ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଶ୍ରୀ ସୁବାସ ଚୌହାନ ଯୋଗଦେଇ ପିଢି ପରେ ପିଢିଙ୍କୁ ଅନୁପ୍ରାଣିତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀରେ ପ୍ରମୁଖ ଯୋଗଦାନ ରହିଥିବା ପଶ୍ଚିମ ଓଡିଶା ଅଂଚଳର ସମସ୍ତ କ୍ରାନ୍ତିକାରୀ ସଂଗ୍ରାମୀମାନଙ୍କର ସ୍ମୃତିରେ ପୁସ୍ତକ ପ୍ରକାଶନ କରାଗଲେ ପରିଷଦ ସହଯୋଗ କରିବ ବୋଲି ପ୍ରକାଶ କରିଥିଲେ।

ଏହି ଦିବସ ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱ ବିଦ୍ୟାଳୟସ୍ତରୀୟ ଓଡିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶହୀଦ୍ କୁଳ ସିଂ କ୍ଲବ୍‌ର ସଭାପତି ଶ୍ରୀ ଅଶୋକ ପୁଝାହାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଏହି କ୍ଲବ୍ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ, ଛାତ୍ରଛାତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।




# ୭୧ତମ ସାଧାରଣତନ୍ତ୍ର ଦିବସରେ ମନମୋହିଲା ପ୍ରଜ୍ଞାପନ ମେଢ ସହ ସାଂସ୍କୃତିକ କାର୍ଯ୍ୟକ୍ରମ

ବାଲେଶ୍ୱର(ପିଏନ)-ଗତକାଲି ବାଲେଶ୍ୱର ସଦର ମହକୁମାଠାରେ ୭୧ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ପୋଲିସ ପଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡକୁ ସମ୍ବୋଧିତ କରିଥିଲେ । ମନ୍ତ୍ରୀ ତାଙ୍କ ଭାଷଣରେ ଭାରତ ନମ୍ବର ଏକ ସର୍ବବୃହତ ଗଣତନ୍ତ୍ର ଏବଂ ଏହାକୁ ବଂଚାଇ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିବା ସହ ସମ୍ବିଧାନ ପ୍ରଣୟନ ଓ ସ୍ୱାଧୀନତା ପାଇଁ ମହାପୁରୁଷମାନଙ୍କ ରହିଥିବା ଅବଦାନକୁ ସ୍ମରଣ କରିଥିଲେ । ସେ ଓଡିଶାର ବରପୁତ୍ର ତଥା ବାଲେଶ୍ୱର ମାଟିରେ ଜନ୍ମିତ ଡଃ ହରେକୃଷ୍ଣ ମହତାବ, କବି ବାଂଛାନିଧି ମହାନ୍ତି, ସର୍ଦାର ସୁରେନ୍ଦ୍ର ନାଥ ଦାସ, ରବୀନ୍ଦ୍ର ମୋହନ ଦାସ ପ୍ରଭୃତିଙ୍କ ଦେଶ ସେବାରେ ଥିବା ଭୂମିକାକୁ ଉଲ୍ଲେଖ କରିଥିଲେ । ଏଥି ସହିତ ରାଜ୍ୟ ସରକାରଙ୍କ ମୋ ସରକାର, ୫-ଟି, ପାଉଡି-ଆପ, ଇ-ସାର୍ଟିଫିକେଟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଏହା ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ବୋଲି କହିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିବା ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନଙ୍କୁ ମୁଖ୍ୟ ଅତିଥି ପ୍ରଶଂସା ପତ୍ର ଓ ସ୍ମୃତି ଫଳକମାନ ପ୍ରଦାନ କରିଥିଲେ। ଏଥିରେ ଶିଶୁ ବୈଜ୍ଞାନିକ ଅମୃତ କଲ୍ୟାଣ ଗିରି,



ବିଜ୍ଞାନ ପ୍ରୋଜେକ୍ଟ ଗାଇଡ୍ ଶିକ୍ଷୟତ୍ରୀ ଶ୍ରୀମତୀ ସନ୍ଧ୍ୟା ଦାସ, ସାହସିକତା ପାଇଁ ବାଲିଆପାଳ ବ୍ଲକ ଡଗରା ଗ୍ରାମର ମତ୍ସ୍ୟଜୀବୀ ଅଜୟ କରଣ ଓ ବିଜୟ ରାଉତ, କ୍ରୀଡା ପାଇଁ ସତ୍ୟଜିତ ସିଂ, ଜୟସ୍ମିତା ତରେଇ, ସୁନୀଲ ପାତ୍ର, ବସନ୍ତ ମୁଖୀ, ପପୁ ମାରାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ମୁଖ୍ୟ ଅତିଥି ୧୯ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସାମାଜିକ ସହାୟତା ରାଶି ଭାବେ ୨୦ହଜାର ଲେଖାଏଁର ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ବିଜେତା ଏବଂ ପ୍ୟାରେଡର ବିଜେତା ଟିମ୍‌କୁ ପୁରସ୍କୃତ କରାଯାଇଥିଲା । ଏହି ପ୍ୟାରେଡରେ ସର୍ବମୋଟ ୫୫ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ସ୍ୱଚ୍ଛ ଭାରତ ମିଶନ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କୃଷିର ଉନ୍ନତି, ଭୋଟର ଦିବସ, ପ୍ଲାଷ୍ଟିକ ବର୍ଜନ, ପାଇଖାନା ବ୍ୟବହାର, କନ୍ୟା ସନ୍ତାନ ଦିବସ, ଜାତୀୟ ଉଦ୍ୟାନ କୃଷି, ପାଣି ପଂଚାୟତ, ସଡକ ସୁରକ୍ଷା, ଶିଶୁ ବିକାଶ ଯୋଜନା ଓ ପ୍ରତିରକ୍ଷା ବାହିନୀର ତୋପ ଏଭଳି ୧୧ଗୋଟି ପ୍ରଜ୍ଞାପନ ମେଢ ଯୋଗ ଦେଇ ମାର୍ଚ୍ଚ ପାଷ୍ଟରେ ସାମିଲ ହୋଇଥିଲେ ।ପରେ ମୁଖ୍ୟ ଅତିଥି ସ୍ଥାନୀୟ ରୋଟାରୀ ଭବନ ତରଫରୁ ଆୟୋଜିତ ପୁଷ୍ପ ପ୍ରଦର୍ଶନୀ ଉଦଘାଟନ, ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଠାରେ ରକ୍ତଦାନ ଶିବିରର ଶୁଭ ଉଦଘାଟନ, ରୋଗୀମାନଙ୍କୁ ଫଳ ବଂଟନ, ହେଣ୍ଡିକାପଡ୍ ୱେଲଫେୟାର ଇନଷ୍ଟିଚ୍ୟୁଟଠାରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଂଟନ, ପ୍ରେସ ଫୋରମ ତରଫରୁ ଆୟୋଜିତ ରକ୍ତଦାନ ଶିବିର ଉଦଘାଟନ, ବାଲେଶ୍ୱର ଆର୍ଟ ଏବଂ କ୍ରାଫ୍ଟସ୍ କଲେଜରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଶୁଭ ଉଦଘାଟନ କରିଥିଲେ।

ଅପରାହ୍ନରେ ପରମିଟ୍ ପଡିଆଠାରେ ପ୍ରେସ ଏକାଦଶ ଓ ପ୍ରଶାସନ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ସହ ସମାଜସେବୀ ଅର୍ଚ୍ଚନା ନନ୍ଦୀଙ୍କ ନେତୃତ୍ୱରେ ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକ ଚେୟାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ପୁରସ୍କାର ବିତରଣ ଉତ୍ସବର ଆୟୋଜନ କରାଯାଇ ସେଠାରେ ୮ ଗୋଟି ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରେ ପିଡି ଡିଆରଡିଏ ଶ୍ରୀ ରାମଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ, ମଙ୍ଗଳ ଅଧିକାରୀ ଶ୍ରୀ ରାଜୀବ ଲୋଚନ ସାହୁ, ପର୍ଯ୍ୟଟନ ଅଧିକାରୀ ଶ୍ରୀ ଗଗନ କୁମାର ସାହୁ, ଆରଟିଓ ଶ୍ରୀ ବିକାଶ ଚୌଧୁରୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ ।ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ବି.ଯୁଗଳ କିଶୋର, ଏଡିଏମ ଶ୍ରୀ ସମ୍ବିତ କୁମାର ନାୟକ, ପିଡି ଡିଆରଡିଏ ଶ୍ରୀ ରାମଚନ୍ଦ୍ର ଜେନା ଉପଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସୁବାଷ ନିଆଲ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଡଚଣାର ବିଭିନ୍ନ ସ୍ଥାନରେ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ

ନେଉଳପୁର, ୨୭.୧(ପି.ଏନ):- ୭୧ତମ ସାଧାରଣତନ୍ତ୍ର ଦିବସ ବଡଚଣାର ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ଅନୁଷ୍ଠାନରେ ପାଳିତ ହୋଇଯାଇଛି। ବଡଚଣା ପଂଚାୟତ ସମିତିରେ ବିଧାୟକ ଅମର ପ୍ରସାଦ ଶତପଥି ପତାକା ଉତୋଳନ କରି ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ପଂଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲିକ, ବ୍ଲକ ଉନ୍ନୟନ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରି ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ଦର୍ପଣ ତହସିଲରେ ତହସିଲଦାର ବିମଳେନ୍ଦୁ ମହାନ୍ତି, ବିଜୁ ଜନତା ଦଳ ଚଣ୍ଡିଖୋଲ କାର୍ଯ୍ୟଅଳୟରେ ବିଧାୟକ ଅମର ପ୍ରସାଦ ଶତପଥି, ଚଣ୍ଡିଖୋଲ କୋର୍ଟରେ ସିଭିଲ ଜଜ ବରିଷ୍ଠ ସହକାରୀ ଦୋରା ଜଜ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର, ବଡଚଣା ଥଅନାରେ ଥାନାଧିକାରୀ ଦୀପକ କୁମାର ଜେନା, ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲରେ ସଭାପତି ଶେଷଦେବ ନାୟକ, ଗଣପତି ଜ୍ଞାନମନ୍ଦିରେ ସଭାପତି ବିନାୟକ ନାୟକ, ପ୍ରେସ କ୍ଲବ ଚଣ୍ଡିଖୋଲରେ ସଭାପତି ପ୍ରଦୀପ କୁମାର ପରିଡା, ଟ୍ରକ ଆସୋସିଏସନ ଠାରେ ସଭାପତି ସନ୍ତୋଷ କୁମାର ରାଉତ, ଆଂଚଳିକ ପରିବହନ କାର୍ଯ୍ୟାଳୟରେ ପରିବହନ ଅଧିକାରୀ ଲାଲମୋହନ ସେଠୀ, ଚଣ୍ଡିଖୋଲ ଫାଣ୍ଡିରେ ସୁଶୀଳ କୁମାର ନାୟକ, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିରେନ୍ଦ୍ର କୁମାର ମିଶ୍ର, ବଡଚଣା ବ୍ଲକ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ନେତା ଅଜୟ କୁମାର ସାମଲ, ରାଜୀବ ମେମୋରିଆଲ କଲୁଚୁରାଲ ସେଂଟର ଠାରେ କଂଗ୍ରେସ ନେତା ନୀଳକଣ୍ଠ ମିଶ୍ର, ବିଜେପି କାର୍ଯ୍ୟାଳୟରେ ନିରଞ୍ଜନ ସାହୁ, ଭୁଷଣ୍ଡପୁର ପଂଚାୟତରେ ସରପଂଚ ଯଯାତି କେଶରୀ ରାଉତ, ଖଏରା ପଂଚାୟତରେ ସରପଂଚ ହରପ୍ରିୟା ବରାଳ, ବଡଚଣା ପଂଚାୟତ କାର୍ଯ୍ୟାଳୟରେ ସରପଂଚ ଭାଗ୍ୟଧର ପ୍ରଧାନ, ସୁଙ୍ଗୁଡା ପଂଚାୟତରେ ସରପଂଚ ଶ୍ରୀମତୀ ଚାଚାଲିନି ସ୍ୱାଇଁ, ଅରଖପୁର ପଂଚାୟତରେ ସରପଂଚ ସ୍ନେହଲତା ସ୍ୱାଇଁ, ଶାନ୍ତିପିର ପଂଚାୟତରେ ସରପଂଚ ପ୍ରତିଭା ଜେନା, କ୍ଷେତ୍ରପାଳ ପଂଚାୟତରେ ସରପଂଚ ଶାନ୍ତିଲତା ସାହୁ, ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ସଭାପତି ଆଶିଷ କୁମାର ମହାପାତ୍ର, ଶାନ୍ତିପୁର ପଂଚାୟତରେ ସରପଂଚ ଶ୍ରୀମତୀ ପ୍ରତିଭା ଜେନା, ନେଉଳପୁର ପଂଚାୟତରେ ସରପଂଚ ଦିବାକର ବେହେରା, ବଡଚଣା ପ୍ରେସକ୍ଲବରେ ପ୍ରତାପ କୁମାର ରାଉତରାୟ, ହୋଲି ଜେସସ ସ୍କୁଲରେ ତହସିଲଦାର ବିମଳେନ୍ଦୁ ମହାନ୍ତି, ଚଣ୍ଡିଖୋଲ ସରକାରୀ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ବିରଂଚ ନାରାୟଣ ପରିଡା, ନେଉଳପୁରର ନୀଳସୁନ୍ଦର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଦାମ ପଣ୍ଡା, ଉଦୀୟମାନ ଅନୁଷ୍ଠାନରେ ସଭାପତି ଅବିନାସ ଜେନା, ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଡିକାଲ ଅଫିସର ଦୀପକ ବେହେରା, ବଡଚଣା ମହାବିନାୟକ ବିଦ୍ୟାୟନରେ ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ମିଶ୍ର, ଚଣ୍ଡିଖୋଲ ଅଗ୍ନିଶ୍ରମ କେନ୍ଦ୍ରରେ ଅଗ୍ନିଶ୍ରମ ଅଧିକାରୀ ପ୍ରଭାକର ସାହୁ, ଜନକଲ୍ୟାଣ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ସନାତନ ଦାସ, ଦିବାକର ନୋଡାଲ ସୁଙ୍ଗୁଡାରେ ପ୍ରଧାନ ଶିକ୍ଷୟତ୍ରୀ ସଂଜୁଲତା ଧଳ, ବାପୁଜୀ ନୋଡାଲସ୍କୁଲରେ ପ୍ରଧାନ ଶିକ୍ଷକ ଜଗନ୍ନାଥ ସାମନ୍ତରାୟ ଜାତୀୟ ପତାକା ଉତୋଳନ କରିବା ସହତ ମିଳୀତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏତଦ ବ୍ୟତୀତ କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ପଣ୍ୟାଗାର ବଡଚଣା, କୃଷି ବିଜ୍ଞାନ କେନ୍ଦ୍ର କୃଷି ବିଭାଗ, ଉଦ୍ୟାନ ବିଭାଗ ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନରେ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

# ବିଜେଡି କାର୍ଯ୍ୟାଳୟରେ ଗଣତନ୍ତ୍ର ଦିବସ ପାଳିତ

ସମ୍ବଲପୁର, ୨୭/୧(ପିଏନ) : ଶାନ୍ତି ନଗର ସ୍ଥିତ ବିଜୁଜନତା ଦଳ କାର୍ଯ୍ୟାଳୟ ଠାରେ ୭୧ ତମ ଗଣତନ୍ତ୍ର ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ବିଜେଡି କର୍ମୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ଆମ ଦେଶ ଏହାର ସମ୍ବିଧାନ ପାଇଁ ସାରା ବିଶ୍ୱରେ ଏକ ବଳିଷ୍ଠ ଲୋକତନ୍ତ୍ର ରାଷ୍ଟ୍ର ଭାବେ ପରିଚୟ ସୃଷ୍ଟି କରିଛି। ଏହି ସମ୍ବିଧାନକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମ୍ଭେମାନେ ସଦାସର୍ବଦା ସଜାଗ ରହିବା ଦରକାର। ସମ୍ବିଧାନରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ନିତୀକୁ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁରୋଧକୁ ଉଲ୍ଲେଖ କରି ସେ ସମସ୍ତ କର୍ମୀମାନଙ୍କୁ ଅହିଂସା ନୀତିରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବହୁ କର୍ମୀ, କର୍ମକର୍ତ୍ତା ଏବଂ ବରିଷ୍ଠ ନେତୃବର୍ଗ ସାମିଲ ହୋଇଥିଲେ।



କାର୍ଯ୍ୟକ୍ରମ ଶେଷରେ ମିଷ୍ଟାନ୍ନ ବଣ୍ଟନକରାଯାଇଥିଲା।

# କୃଷି ଓଡିଶା-୨୦୨୦ ଉଦ୍‌ଯାପିତ



ଭୁବନେଶ୍ୱର (ପିଏନ)-ଆଜି "ଫିଜି" ସହଭାଗୀତାରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥ ଜନତା ମଇଦାନରେ ଚାଲିଥିବା ୫ ଦିନିଆ "କୃଷି ଓଡିଶା"ର ଉଦ୍‌ଯାପନୀ ଉତ୍ସବରେ ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମନରେ କୃଷି ଉପରେ ଆଗ୍ରହ ବଢାଇବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗୀତାମାନ ଅନୁଷ୍ଠିତ ହୋଇଥିଲା । ବିଶ୍ୱ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗୀତାରେ ଶ୍ରୀମାନ୍ ଅମ୍ଳାନ୍ ରଥ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଉକ୍ତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ମହୋଦୟ ବିଶ୍ୱ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗୀତାରେ ପ୍ରଥମ ହୋଇଥିବା ଓ.ୟୁ.ଏ.ଟିର ଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ସୌରଭ ଗର୍ଗ, ଓୟୁଏଟି କୁଳପତି ପଣ୍ୱନ କୁମାର ଅଗ୍ରୱାଲ୍ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ କମ୍ ଜମିରେ କିପରି ଅଧିକ ଉତ୍ପାଦନ ହୋଇପାରିବ ତାହା ହିଁ ବର୍ତ୍ତମାନ ସମୟର ବଡ ଆହ୍ୱାନ ବୋଲି କହିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଶ୍ରୀମାନ୍ ରଥ ଅନେକଥର ଜିଲ୍ଲା ଓ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ଅନେକ କୃତିତ୍ୱର ଅଧିକାରୀ ହୋଇପାରିଛନ୍ତି। ସେ ଏବେ ବିଜ୍ଞାନ ସ୍ନାତକୋତରର "ଏଗ୍ରିକଲଚର ଇନ୍ ପ୍ଲାନ୍ଟ୍ ପାଥୋଲୋଜି" ବିଷୟ ନେଇ ଅଧ୍ୟୟନରତ ଅଛନ୍ତି।

# ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଭାରତ ବନ୍ଦ ଆହ୍ୱାନ

ଚଣ୍ଡିଖୋଲ, ୨୭/୧(ପିଏନ)- ବହୁ ଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଆସନ୍ତା ୨୯ତାରିଖରେ ଭାରତ ବନ୍ଦ ଆହ୍ୱାନ ଦିଆଯାଇଛି। କେଉଁ ଦାବୀ ଓ ସମସ୍ୟାକୁ ନେଇ ଭାରତ ବନ୍ଦ କରାଯିବ ସେଥିନେଇ ଆଜି କିଛି ଉଦ୍ୟୋକ୍ତା ଚଣ୍ଡିଖୋଲ ପ୍ରେସ କ୍ଲବ ସଭା ଗୃହରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏନଆରସି, ସିଏଏ, ଏନପିଆର ଆଇନ ବିରୁଦ୍ଧରେ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ୧୨ଘଣ୍ଟିଆ ଭାରତ ବନ୍ଦ ଆହ୍ୱାନ ଦିଆଯାଇଛି। ଏହି ସାମ୍ବାଦିକ ସମିଳନୀରେ ବହୁଜନ କ୍ରାନ୍ତି ମୋର୍ଚ୍ଚାର ସଂଯୋଜକ ଡଃ ପବନେଶ୍ୱର ଜେନା, ଭାରତ ମୁକ୍ତି ମୋର୍ଚ୍ଚା ଯାଜପୁର ଜିଲା ସଭାପତି ଆରତ ଚରଣ ମଲିକ, ମୌଲାନା ଅସତ ଆଲାମ କାସିମ, ମୌଲାନା ଗାନିମ କାସ୍ମି, ଆମ୍ବେଦକର ଫାଉଣ୍ଡେସନ ଧର୍ମଶାଳା ସଭାପତି ସୁରେନ୍ଦ୍ର ମଲିକ, ସଂପାଦକ କାର୍ତ୍ତିକ ମଲିକ, ମନୋରଂଜନ ଜେନା, ହରିହର ମଲିକ, ଅନାମ ମଲିକ, ମସିର ଆଲାମ, ଅଭିମନ୍ୟୁ ମଲିକ, ସୁନିଲ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ବଡ଼ଚଣା କପ ଫୁଟବଲ: ପପୁଲାର ଚାମ୍ପିୟାନ

ଚଣ୍ଡିଖୋଲ, ୨୭/୧(ପିଏନ)- ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଏରା ସ୍ଥିତ ଷୋଳପୁଅ ମା' ମିନି ଷ୍ଟାଡ଼ିୟମ ଠାରେ ଚାଲୁଥିବା ରାଜ୍ୟ ସ୍ତରୀୟ ମନୋରଂଜନ ବବୁଲ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳରେ ଢେଙ୍କାନାଳ ପପୁଲାର ଫୁଟବଲ ଟିମ ଚାମ୍ପିୟାନ ହୋଇଛି। ଫାଇନାଲ ଖେଳରେ କଟକର ଇଲେଭେନ ଷ୍ଟାର ଫୁଟବଲ ଟିମକୁ ୧-୦ ଗୋଲାରେ ପରାସ୍ତ କରିଛି। ପପୁଲାର ଫୁଟବଲ ତରଫରୁ ମଣ୍ଟୁ ସ୍ୱାଇଁ ବିଜୟ ସୂଚନ ଗୋଲକି ଦେଇଥିଲେ। କ୍ରୀଡ଼ା ସଂପାଦକ ଗଣେଶ୍ୱର ବରାଳଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି, ସମ୍ମାନୀତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥି ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ. ବିଜୟ କୁମାର ଶତପଥି, ବିଡ଼ିଓ ଅଜିତ ପ୍ରସାଦ ନାରାୟଣ ଗିରି, ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, କ୍ଲବର ଅଧକ୍ଷ ଦିଲିପ କୁମାର ଚୌଧୁରୀ, ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ସଭ୍ୟା ସୁମତୀ ବାସ୍କେ, ସରପଞ୍ଚ ହରପ୍ରୀୟା ବରାଳ, ସମିତି ସଭ୍ୟା ସ୍ୱର୍ଣ୍ଣଲତା ପୃଷ୍ଟି, ଦିପକ ମିଶ୍ର, ନିରଂଜନ ସେନାପତି, ବିନୟ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ନବଗଠିତ ଖଏରା ଗ୍ରାମ ପଞ୍ଚାୟତର ନୂତନ ଗୃହକୁ ଉଦଘାଟନ କରିବା ସହିତ ବିଭିନ୍ନ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ମିତାଲି ବରାଳ, ଅମିତ କୁମାର ନାୟକ, ସୁଦୀପ ଦାସ, ଜ୍ୟୋତି ରଜଂନ ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ରାଜକିଶୋର ଓଝା ଧନ୍ୟବାଦ ଦେଇଥିଲେ।

# ବିଜେଡି କାର୍ଯ୍ୟାଳୟରେ କର୍ମୀଙ୍କୁ ଭେଟିଲେ ମନ୍ତ୍ରୀ ରାଜା ସ୍ୱାଇଁ



ସମ୍ବଲପୁର,(ପିଏନ): ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶାନ୍ତିନଗର ସ୍ଥିତ ବିଜେଡି କାର୍ଯ୍ୟାଳୟକୁ ଆସି କର୍ମୀ ଓ କର୍ମକର୍ତ୍ତା ଏବଂ ବିଜେଡିର ବରିଷ୍ଠ ନେତୃବର୍ଗଙ୍କୁ ଭେଟି ସାଙ୍ଗଠନିକ ଆଲୋଚନା କରିଥିଲେ। ଏହି ସମୟରେ ଅନୁଷ୍ଠିତ ଏକ ଅନପୌଚାରିକ ବୈଠକରେ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀଙ୍କ ୫ଟି କାର୍ଯ୍ୟକ୍ରମ ବାବଦରେ ଜନସାଧାରଣଙ୍କ ପାଖରେ ସଚେତନତା ସୃଷ୍ଟି କରିବା ପାଇଁ କର୍ମୀମାନେ ତତ୍ପର ହେବା ପାଇଁ କହିଥିଲେ। ଏଥିସହ ସାଙ୍ଗଠନିକ ଦୃଢ଼ତାକୁ ଅକ୍ଷୁର୍ଣ୍ଣ ରଖିବା ସହ ସେ ଦିଗରେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ସଭାପତି ତଥା ବରିଷ୍ଠ ଆଇନଜୀବୀ ଆର୍ତ୍ତତ୍ରାଣ ମିଶ୍ର, ବରିଷ୍ଠ କର୍ମକର୍ତ୍ତା ବିହାରୀଲାଲ ପନ୍‌ସାରୀ, ମହିଳା ଜିଲ୍ଲା ସଭାପତି ରାଜଲକ୍ଷ୍ମୀ ପ୍ରଧାନ, ଗୋକୁଳ ମେହେର, ଗୁରଜିନ୍ଦର କୌର ଡିଙ୍ଗରା, ପ୍ରଫୁଲ୍ଲ ଦାଶ, ଦେବାଶିଶ ନନ୍ଦ, ଏମ୍.ଡି ସନାଉଲ୍ଲା, ଏମ୍.ଡି ସୋଭାନ, ସୁନନ୍ଦା ଚଇନି, ଚିଉପଣ୍ଡା, ହେରମ୍ବ ଚନ୍ଦ୍ର ଦାନୀ, ସତ୍ୟେନ ଦାଶ, ଦୁଲାଲ ରାୟ, ଲକ୍ଷ୍ମୀ ପ୍ରଧାନ, ଜୟଲାଲ ବେହେରା, ସୈରେନ୍ଦ୍ରୀ ନାୟକ, କଳ୍ପନା ମିଶ୍ର, ସୌରୀ ପାଣିଗ୍ରାହୀ, ସୁମନ୍ତ ପଣ୍ଡା, ଆତିବ ଆଲମ୍, ବବି ସିଂ, ରବିନ୍ଦର ସିଂ ପ୍ରମୁଖ ଯୋଗ ଦେଇଥିବା ବେଳେ ଶତାଧିକ ସଂଖ୍ୟାରେ ବିଜେଡି କର୍ମୀ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏଥି ପୂର୍ବରୁ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ପ୍ରଥମଥର କରି ବିଜେଡି କାର୍ଯ୍ୟାଳୟକୁ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆସିଥିବାରୁ ତାଙ୍କୁ ଉପଢ଼ୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଦେଇଥିଲେ।

# ଜାତୀୟ ସେବା ଯୋଜନା ଦ୍ୱାରା ସ୍ୱଚ୍ଛ ଭାରତ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ପାରାଳାଖେମୁଣ୍ଡି (ପିଏନ)-ସାରା ଭାରତ ପାଳନ କରୁଛି ୭୧ତମ ସାଧାରଣତନ୍ତ୍ର ଦିବସ। ସମ୍ବିଧାନର ନିୟମକୁ ପାଳନ କରିବା ପାଇଁ ସମସ୍ତେ ଆଉଥରେ ଶପଥ ନେଇଛନ୍ତି। ଜନରାଜ୍ୟ ଦିବସ କେବଳ ପାଳନ ନୁହେଁ ବରଂ କାର୍ଯ୍ୟରେ ରୂପାନ୍ତରିତ କରିବାକୁ ସଭିଏଁ କଟିବଦ୍ଧତାର ସ୍ୱରରେ ଏକତ୍ରିତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ପାରଳାଖେମୁଣ୍ଡି ସ୍ଥିତ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ଦ୍ୱାରା ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଅଛି। ଜାତୀୟ ସେବା ଯୋଜନାର ମୁଖ୍ୟ ଏନ୍ . ମୋହନ ସତ୍ୟାକର ରାଓଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିଥିଲେ। ଆଖପାଖ ଗାଁର ଅଳିଆ ଆବର୍ଜନାକୁ ପରିଷ୍କାର କରି ଏକ ସ୍ୱଚ୍ଛ ପରିବେଶ ଗଠନ କରିବାର ବାର୍ତ୍ତା ନେଇ ଲୋକମାନଙ୍କୁ ସଚେତନ କରାଇଥିଲେ। ବାରଲଣ୍ଡା ଗ୍ରାମରେ ଥିବା ବିଦ୍ୟାଳୟର ପିଲାମାନଙ୍କ ସହ ମିଶି ଜାତୀୟ ପତାକା ଉତ୍ତୋଳନ କରିବା ସହ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ। ଏହା ଛଡ଼ା ଛାତ୍ରଛାତ୍ରୀ ମାନେ ନିକଟସ୍ଥ ବିଭିନ୍ନ ବିଦ୍ୟାଳୟ ଯାଇ ସେଠାରେ ପିଲାମାନଙ୍କୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହ ଏକତାର ଶ୍ରୀମୟକୁ ବଖାଣିଛନ୍ତି। ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ମୁଖ୍ୟ ପ୍ରାଧ୍ୟାପକ ମୋହନ ସତ୍ୟାକର ରାଓ ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍)ର ଏହି କାର୍ଯ୍ୟକୁ ବିଶ୍ୱବିଦ୍ୟାଳୟରେ ପ୍ରଶଂସା କରାଯାଇଛି।






# ସମୟର ଆହ୍ୱାନ: ଇକୋ ଟୁରିଜିମ୍



ବିଶ୍ୱବ୍ୟାପୀ ସର୍ବତ୍ର ପ୍ରାକୃତିକ ବିପର୍ଯ୍ୟୟ ପରେ କଂକ୍ରିଟ ଜଙ୍ଗଲ ଭିତରେ ବାନ୍ଧି ହୋଇଥିବା ମଣିଷ ପୁଣି ପ୍ରକୃତିକୁ ଫେରିବାକୁ ଆରମ୍ଭ କରିଛି। ଏମିତି ଏକ ଅବଧାରଣାକୁ ନେଇ ଆଜି ସାରା ବିଶ୍ୱରେ ବିକଶିତ ହୋଇଚାଲିଛି ଇକୋ ଟୁରିଜିମ୍। ଏହି ଶିଳ୍ପରେ ନୂଆ ସମ୍ଭାବନା ଓ ନୂଆ ଚମକ ସହ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆକର୍ଷଣୀୟ କରାଯାଇଛି। ଇକୋ ଟୁରିଜିମ୍ ପରିକଳ୍ପନା ବେଶି ଦିନର ନୁହେଁ। ପରିବେଶର ସୁରକ୍ଷା ଓ ପରିବେଶ ପ୍ରତି ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବା ଏହାର ମୂଳ ଲକ୍ଷ୍ୟ। ଉନ୍ନତ ଦେଶମାନଙ୍କରେ ଇକୋଟୁରିଜିମ୍‌ର ବିକାଶ ପାଇଁ ବ୍ୟୟବହୁଳ ଯୋଜନାମାନ କରାଯାଇ ଆକର୍ଷଣୀୟ ଭିତ୍ତିଭୂମି ପ୍ରସ୍ତୁତ କରାଗଲାଣି। ପର୍ଯ୍ୟଟକଙ୍କ ପାଇଁ ଇକୋ ଫ୍ରେଣ୍ଡଲି ହୋଟେଲ ଓ ଯାନବାହାନ ସହ ବିଭିନ୍ନ ବ୍ୟବସ୍ଥା ପ୍ରସ୍ତୁତ ହେଲାଣି। ସମୁଦ୍ରତଟ, ନଦୀ, ହ୍ରଦ, ଜଳପ୍ରପାତ, ମରୁଭୂମି, ଗୁମ୍ଫା, ପାହାଡ଼, ଜଙ୍ଗଲ, ଗ୍ଲାସିଅର, ବନ୍ୟଜନ୍ତୁ ଉଦ୍ୟାନ, ପରିବେଶ ଉଦ୍ୟାନ, ଉଦ୍ଭିଦ ସମ୍ପଦ ଓ ପଶୁସମ୍ପଦ ଆଦି ଇକୋ ଟୁରିଜିମ୍‌ର ଏକ ଆକର୍ଷଣ। କେବଳ ବିଭିନ୍ନ ବିବିଧ ଭୂଗୋଳ ଓ ସଂସ୍କୃତିର ଦେଶ ଭାରତର ଇକୋ ଟୁରିଜିମ୍ କ୍ଷେତ୍ର ନୁହେଁ ବରଂ ଓଡ଼ିଶାରେ ଏହି କ୍ଷେତ୍ର ବହୁ ପ୍ରଶସ୍ତ ଓ ବ୍ୟାପକ। ସମଗ୍ର ଭାରତରେ ୪୪୧ଟି ବନ୍ୟଜନ୍ତୁ ଅଭୟାରଣ୍ୟ ଓ ୮୦ଟି ଜାତୀୟ ପାର୍କ ରହିଥିବାବେଳେ ଓଡ଼ିଶାରେ ଭିତରକନିକା, ଶିମିଳିପାଳ ଓ ନନ୍ଦନକାନନ ଭଳି ଜାତୀୟ ପାର୍କ ବ୍ୟତୀତ ୭ଟି ବୃହତ ଓ ୨୨ଟି କ୍ଷୁଦ୍ର ଅଭୟାରଣ୍ୟ ରହିଛି। ଓଡ଼ିଶାର ମୋଟ ଆୟତନ ୧,୫୫,୭୦୭ ବର୍ଗ କିଲୋମିଟର ଭିତରୁ ୫୮,୧୩୬.୮୭ ବର୍ଗକିଲୋମିଟର ଜଙ୍ଗଲ ଅଞ୍ଚଳ। ୧୯ ପ୍ରକାର ଉଭୟଚର ପ୍ରାଣୀ, ୧୧୦ ପ୍ରଜାତିର ସରୀସୃପ, ୪୭୩ ପ୍ରଜାତିର ପକ୍ଷୀ ଓ ୮୬ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଦେଖିବାକୁ ମିଳନ୍ତି ଯାହାକି ସାରା ବିଶ୍ୱର ପରିବେଶପ୍ରେମୀ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଗୋଟିଏ ପଟେ ୪୮୦ କିଲୋମିଟର ସୁଦୀର୍ଘ ସ୍ୱର୍ଣ୍ଣିମ ବେଳାଭୂମି ପର୍ଯ୍ୟଟକଙ୍କୁ ସ୍ୱାଗତ କରୁଥିବା ବେଳେ ଅନ୍ୟପଟରେ ସମୁଦ୍ର ପତ୍ତନ ଠାରୁ ୨୦୦୦ ମିଟର ଉଚ୍ଚରେ ଅବସ୍ଥିତ ମାଳଭୂମିରେ ଭରି ରହିଛି ଛୋଟବଡ଼ ୨୫ରୁ ଉର୍ଦ୍ଧ୍ୱ ମନଲୋଭା ଜଳପ୍ରପାତ। ବିହଙ୍ଗ ପର୍ଯ୍ୟଟନ ପାଇଁ ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ, ବାରପାହାଡ ଓ ପପଙ୍ଗା ପାହାଡ଼ର ପ୍ରାକୃତିକ ପକ୍ଷୀ ଅଭୟାରଣ୍ୟ ଦୃଷ୍ଟି ଆକର୍ଷଣ କରିଥାଏ। ସେହିପରି ୧୯୭୫ରେ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ ଘୋଷିତ ଭିତରକନିକା, ୧୯୯୮ରେ ଜାତୀୟ ଉଦ୍ୟାନର ମାନ୍ୟତା ପାଇଥିବା ବେଳେ ୨୦୦୨ରେ ଏହା ଅନ୍ତର୍ଜାତୀୟ ରାମ୍‌ସାର ସାଇଟ୍ ଭାବେ ଘୋଷିତ ହୋଇଛି। ଏହାସହ ବିଶ୍ୱର ଅଦ୍ୱିତ୍ୟ ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଭିତରକନିକା ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ହେନ୍ତାଳ ଜଙ୍ଗଲର ମାନ୍ୟତା ପାଇଛି। ଏହାସହ ୧୯୯୭ରେ ସାମୁଦ୍ରିକ ଅଭୟାରଣ୍ୟର ମାନ୍ୟତା ପାଇଥିବା ଗହୀରମଥା ବିରଳ ଅଲିଭ ରିଡ଼ଲେ କଇଁଛଙ୍କ ଭୂସ୍ୱର୍ଗ ଭାବେ ପୃଥିବୀର ପର୍ଯ୍ୟଟକପ୍ରେମୀ ଓ ଗବେଷକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଏସିଆର ବୃହତ୍ତମ



ହ୍ରଦ ମରାଳ ମାଳିନୀ ନିଳାମ୍ବୁ ଚିଲିକା ୧୯୮୭ରେ ପକ୍ଷୀ ଅଭୟାରଣ୍ୟ ଭାବେ ଘୋଷିତ ହେବା ପରେ ସମଗ୍ର ପୃଥିବୀରୁ ପର୍ଯ୍ୟଟକଙ୍କ ଏହା ବଡ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥାଏ। ସେହିପରି ଇକୋ ଟୁରିଜିମ୍‌ର ଭୂସ୍ୱର୍ଗ କୁହାଯାଉଥିବା ଶିମିଳିପାଳ ଜାତୀୟ ଉଦ୍ୟାନ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱସ୍ତରରେ ମାନ୍ୟତା ପାଇବାପରେ ଏବେ ଜାତିସଂଘ ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ ସଂସ୍ଥା ୟୁନେସ୍କୋର ଜୈବବିବିଧତା ତାଲିକାରେ ସାମିଲ ହୋଇଛି। ୨୭୫୦ କିଲୋମିଟର ବ୍ୟାପୀ ଏହି ଜଙ୍ଗଲ ମଧ୍ୟରେ ବିଭିନ୍ନ ଦର୍ଶନୀୟ କ୍ଷେତ୍ର ରହିଛି। ସେହିପରି ସୁନ୍ଦର ବନଭୂମି, ପୁରାତନ ଆଦିବାସୀ ଜନଜାତି, ଉଚ୍ଚପର୍ବତ ମାଳା, ଜଳପ୍ରପାତ, ନଦୀ, ଝରଣାର ଅପୂର୍ବ ସମ୍ଭାର ଲାଗି କୋରାପୁଟକୁ ଦ୍ୱିତୀୟ କାଶ୍ମୀର କୁହାଯାଏ। ଏହାର ସନ୍ନିକଟ ଗୁପ୍ତେଶ୍ୱର, ଡୁଡୁମା ଜଳପ୍ରପାତ, ଦେଓମାଳି ଉଚ୍ଚତମ ପାହାଡ଼ ଓ ମାଛକୁଣ୍ଡ ଜଳପ୍ରପାତ ସହ ରାଣୀଗୁମ୍ଫା, ରାମଗିରି, ରାଣୀଗୁଡ଼ା ବ୍ୟାପକ ଭାବେ ଇକୋ ଟୁରିଜିମ୍ କ୍ଷେତ୍ର ଭାବେ ସର୍ବଦା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକପ୍ରିୟ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଲୁକ୍‌ୟିତ ଅଧିକାଂଶ ପ୍ରାକୃତିକ ପର୍ଯ୍ୟଟନସ୍ଥଳର ରକ୍ଷଣାବେକ୍ଷଣ ଓ ଭିତ୍ତିଭୂମିର ଦାୟିତ୍ୱ ରାଜ୍ୟ ପର୍ଯ୍ୟଟନ ବିଭାଗ ହାତକୁ ନେଇଛି। କିନ୍ତୁ ଅନେକ ଆଭ୍ୟନ୍ତରୀଣ ଇଲାକାରେ ଲୁଚି ରହିଥିବା ପ୍ରକୃତିର ଅନୁପମ ଅନେକ ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ଏଯାବତ୍ ଲୋକଲୋଚନର ଉହାଡ଼ରେ ରହିଯାଇଛି। ଏସବୁ ସମାଜର ବାହାରକୁ ଆଣିବା ଦାୟିତ୍ୱ ପ୍ରତି ଓଡ଼ିଆଙ୍କର। ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିକାଶ ଦ୍ରୁତ ଗତିରେ ହେଉଛି। ଯାହାପାଇଁ ପୃଥିବୀର ବିଭିନ୍ନ ଦେଶରୁ ନିୟମିତ ବ୍ୟବଧାନରେ ପର୍ଯ୍ୟଟକମାନେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଦର୍ଶନ କରୁଛନ୍ତି। ଯାହାଦ୍ୱାରା ସାମାଜିକ ବିକାଶ ହେବା ସହିତ ଓଡ଼ିଶାର ଅର୍ଥନୈତିକ କ୍ଷେତ୍ର ସୁଦୃଢ଼ ହେଉଛି। ଇକୋ ପର୍ଯ୍ୟଟନ ସହିତ ବିଭିନ୍ନ ଉତ୍ସବ ଓ ମହୋତ୍ସବରେ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ହେଉଥିବାରୁ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବିଶେଷକରି ଇକୋ ଟୁରିଜିମ୍ କ୍ଷେତ୍ରରେ ଏକ ଆଗଧାଡ଼ିର ରାଜ୍ୟ ଭାବେ ପରିଚିତ ହେବାକୁ ଯାଉଛି।

**ନାଟ୍ୟସାରଥି ଅଭୟ କୁମାର ଦାସ,**
**ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭**

## ବରିଷ୍ଠ ନାଗରିକଙ୍କୁ ସେବା ଓ ସମ୍ମାନ

ରାଉରକେଲା (ପିଏନ୍): ପବିତ୍ର ନବବର୍ଷର ଶୁଭ ଅବସରରେ ରାଉରକେଲା ବସ୍ତି ସୁରକ୍ଷା ସମିତି ତରଫରୁ ଶିଳ୍ପାଞ୍ଚଳ ପ୍ରାଙ୍ଗଣରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସେବା ଓ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବସ୍ତି ସୁରକ୍ଷା ସମିତି ସଭାପତି ତଥା ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଶ୍ରୀ ଜର୍ଜ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବସ୍ତି ସୁରକ୍ଷା ସମିତି ସଦସ୍ୟ ତଥା ଉପସ୍ଥିତ ବସ୍ତିବାସୀଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇ ସମ୍ବର୍ଦ୍ଧିତ କରିଥିଲେ। ବସ୍ତି ସୁରକ୍ଷା ସମିତିର ବିଗତ ଦିନର କାର୍ଯ୍ୟକଳାପକୁ ଶ୍ରୀ ତିର୍କୀ ଭୂୟସୀ ପ୍ରଶଂସା କରି ବସ୍ତି ବାସିନ୍ଦାଙ୍କ ଥଇଥାନ ଓ ମୌଳିକ ସେବା ସୁବିଧା ଯୋଗାଣରେ ମହାନଗର ନିଗମ ତଥା ରାଜ୍ୟ ସରକାର କରୁଥିବା ଅବହେଳାକୁ ତୀବ୍ର ନିନ୍ଦା କରିଥିଲେ। ଜଙ୍ଗଲ ଜମିରେ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ବସ୍ତିବାସୀଙ୍କୁ ଜମି ପଟ୍ଟା ଦେବା ଉପରେ ଶ୍ରୀ ତିର୍କୀ ଗୁରୁତ୍ୱାରୋପ କରି ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଆଦିବାସୀ ଓ ବନବାସୀ ପରିବାରଙ୍କୁ ଜମି ପଟ୍ଟା ଯୋଗାଇଦେବା ପାଇଁ ତାଙ୍କ ଲଢେଇ ଜାରି ରହିଛି ବୋଲି କହିଥିଲେ। ବସ୍ତି ସୁରକ୍ଷା ସମିତିର ସମସ୍ତ ଗଠନମୂଳକ କାର୍ଯ୍ୟରେ ତାଙ୍କ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ଏହି ଅବସରରେ ପ୍ରକାଶ କରି ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସମିତି ଉପଦେଷ୍ଟା ରାମାନନ୍ଦ ଶ୍ରୀଚନ୍ଦନ, ବରିଷ୍ଠ ନେତା ଦେବବ୍ରତ ବିହାରୀ, ଚିତ୍ତରଂଜନ ମହାନ୍ତି, ନିହାର ଦାସ, ନାରୀନେତ୍ରୀ ନିରୂପମା ବଳିୟାରସିଂହ ପ୍ରମୁଖ ବକ୍ତବ୍ୟ ରଖି ବସ୍ତିବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଶିଳ୍ପାଞ୍ଚଳର ବିଭିନ୍ନ ବସ୍ତିରୁ ଉପସ୍ଥିତ ଥିବା ୧୮୦ ଜଣ ବରିଷ୍ଠ ନାଗରିକଙ୍କୁ ଶୀତବସ୍ତ୍ର କମ୍ବଳ ପ୍ରଦାନ କରି ସମ୍ମାନିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମ ଶେଷରେ ସିଦ୍ଧେଶ୍ୱର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିବାବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଜିତେନ୍ଦ୍ର ଦାସ, ବୁଲୁ ଦାସ, କୈଳାସ ସାହୁ, ଶ୍ୟାମ ସାଗର, ସରୋଜ ମହାନ୍ତି, ଦୀପକ ବଡାଇକ, କିଶୋର ମହାନ୍ତି, ଅଭିଜିତ ମାନ୍ନା, ସୁଶାନ୍ତ ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା କେଲୁଚରଣ ମହାନ୍ତି, କାର୍ତ୍ତିକ ବେହୁରିଆ, ବିଜୟ ଆପଟ୍ଟ, ଇଂ. ଆର୍.ପି ସିଂହ, ଯୁବନେତା ଜ୍ଞାନେନ୍ଦ୍ର ଦାସ, ନାରୀନେତ୍ରୀ କଲ୍ୟାଣୀ, ପଦ୍ମିନୀ ଲୋହାର, ବସନ୍ତ ମିଶ୍ର, କଳିଙ୍ଗ ସାହୁ, ଭାଗୀରଥି ଧଳ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଶହ ଶହ ସଂଖ୍ୟାରେ ବସ୍ତିବାସୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ମୁଖ୍ୟଅତିଥି ଶ୍ରୀ ତିର୍କୀଙ୍କୁ ଜେଲ ରୋଡରୁ ଆଦିବାସୀ ବାଦ୍ୟନୃତ୍ୟର ତାଳତାଳେ ଅନୁଷ୍ଠାନର କର୍ମକର୍ତ୍ତାମାନେ ସଭାସ୍ଥଳକୁ ପାଛୋଟି ନେଇଥିଲେ ବୋଲି ସମିତି ସଭାପତି ଶ୍ରୀ ସେନାପତି ସୂଚନା ଦେଇଛନ୍ତି।

## ବରଦା ଦାସ ଲୋକସଂପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ



ଭୁବନେଶ୍ୱର (ପିଏନ୍): ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ତଥା ଉପ ଶାସନ ସଚିବ ଭାବେ କାର୍ଯ୍ୟ କରୁଥିବା ବରଦା ପ୍ରସନ୍ନ ଦାସ ବିଭାଗୀୟ ପଦୋନ୍ନତି ପାଇ ଯୁଗ୍ମ ନିର୍ଦ୍ଦେଶକ ପଦରେ ନିଯୁକ୍ତ ହୋଇଛନ୍ତି। ଶ୍ରୀ ଦାସ ତାଙ୍କର ୩୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଟିଟିଲାଗଡ, ନୟାଗଡ. ବାଙ୍କୀ, କଟକ, ଭୁବନେଶ୍ୱର,ଖୋର୍ଦ୍ଧା, ଅନୁଗୋଳ, ଦେବଗଡ ଆଦି ସ୍ଥାନରେ ଲୋକସଂପର୍କ ଅଧିକାରୀ ଓ ବିଭିନ୍ନ ମନ୍ତ୍ରୀଙ୍କ ସୂଚନା ଅଧିକାରୀ ଭାବେ ସଫଳତାର ସହ କାର୍ଯ୍ୟ ସଂପାଦନ କରିଥିଲେ। ସେ ଜଣେ ସୁଲେଖକ, ସୁବକ୍ତା, ସଂଗଠକ ଓ ସାହିତ୍ୟିକ ଭାବେ ସୁପରିଚିତ।

# ମାଲେରିଆ ଓ ଯକୃତ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ୨୦୧୬ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି। ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ। ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ। ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ। ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି। ୨୦୧୭ ବିଶ୍ୱ ମାଲେରିଆ ଦିବସରେ ମାଲେରିଆକୁ ଚିର ବିଦାୟ ନେବା ନିମିତ୍ତ ଆହ୍ୱାନ ଦିଆଯାଇଛି। ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍‌ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ। ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି। ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି। ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ। ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି। ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର। ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର। କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ। ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ। ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ। ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି। ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି। ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ। ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଇପ୍‌ସିତ ସୁଫଳ ମିଳିନାହିଁ। ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି। ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ।

**(ସୌଜନ୍ୟ: ପ୍ରଫେସର ଡାକ୍ତର ଉମେଶଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ: ୯୪୩୭୦୫୧୯୫୭)**

# ପାଟକୁରା ଗାନ୍ଧୀ ରାଜକିଶୋର ନାୟକ



ଗାନ୍ଧିବାଦୀ ରାଜକିଶୋର ନାୟକ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ଶିକ୍ଷକ। ତାଙ୍କ ସରଳ ନିରାଡ଼ମ୍ବର ଜୀବନ କେବଳ ପୀଡ଼ିତଙ୍କ ଲାଗି ଉତ୍ସର୍ଗ ଥିଲା। ନିଃସ୍ୱାର୍ଥପର ଏହି ଜନସେବକ ପାଟକୁରା ଗାନ୍ଧୀ ଭାବେ ପରିଚିତ। କେନ୍ଦ୍ରାପଡ଼ାର ପାଟକୁରା ସ୍ଥିତ ଅରିଲୋ ଗ୍ରାମରେ ଜନ୍ମିତ ରାଜକିଶୋର ୧୯୭୦ରେ ପାଟକୁରା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ। ବନ୍ୟା-ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତଙ୍କ ଉଦ୍ଧାର ଲାଗି ସେ ଦେବଦୂତ ସାଜୁଥିଲେ। ରାଜନୀତି ପ୍ରତି ମଧ୍ୟ ତାଙ୍କର ଆଗ୍ରହ ଥିଲା। ପାଟକୁରାରୁ ଦୁଇ ଦୁଇଥର ବିଧାନସଭା ନିର୍ବାଚନ ଜିତି ଅନେକ ଜନମଙ୍ଗଳ କାର୍ଯ୍ୟ ସେ କରିଥିଲେ। ୧୯୭୭ ଓ ୧୯୯୩ରେ ଦୁଇଥର ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ଼ର ସେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିଷୟରେ ଏକ ଉଲ୍ଲେଖଯୋଗ୍ୟ କଥା ହେଉଛି, ଉତ୍କଳ କଂଗ୍ରେସର ସଭାପତି ବିଜୁବାବୁ ନିର୍ବାଚନ ଲଢ଼ିବା ଲାଗି ଖର୍ଚ୍ଚ ବାବଦକୁ ଯାହା ଅର୍ଥ ପ୍ରଦାନ କରିଥିଲେ, ତନ୍ମଧ୍ୟରୁ ରାଜକିଶୋର ଅଧା ଖର୍ଚ୍ଚ କରି ବାକି ଫେରାଇ ଦେଇଥିଲେ। ଏଥିରୁ ତାଙ୍କ ସଚ୍ଚୋଟତା ସ୍ପଷ୍ଟ ଅନୁମେୟ। ଓଡ଼ିଶା ତଥା ଭାରତୀୟ ରାଜନୀତିରେ ଏହା ଏକ ବିରଳ ଘଟଣା। ରାଜନୀତିରୁ ଅବସର ପରେ ଗୋସେବାରେ ସେ ସମୟ ବିତାଉଥିଲେ। ସ୍ୱାସ୍ଥ୍ୟବସ୍ଥା ଖରାପ ଥିଲେ ବି ସେ ଭାଙ୍ଗି ପଡ଼ିନଥିଲେ। ଶେଷ ପର୍ଯ୍ୟନ୍ତ ଅସୁରେଶ୍ୱର ସ୍ଥିତି ଗୋଶାଳର ଦେଖାଶୁଣା କରିଥିଲେ। ଦୀର୍ଘ ଦିନର ଅସୁସ୍ଥତା ପରେ ୨୦୧୦ ଜାନୁଆରୀ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା। ସମସାମୟିକ ଓଡ଼ିଶା ରାଜନୀତିରେ ତାଙ୍କ ପରି ଜଣେ ନିର୍ବିବାଦୀୟ, ଗାନ୍ଧୀବାଦୀ, ସାଧୁତା ଓ ସଚ୍ଚୋଟତା, ରାଜନୀତିକୁ ସେବା ଭାବୁଥିବା ନେତୃତ୍ୱ ଅତ୍ୟନ୍ତ ବିରଳ। ଓଡ଼ିଶାବାସୀ ତାଙ୍କୁ ଚିରକାଳ ମନେ ରଖିବେ। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ପାଟକୁରା ଗାନ୍ଧୀ ଭାବେ ପରିଚିତ ଏହି ବ୍ୟକ୍ତିତ୍ୱଙ୍କ ସୁଯୋଗ୍ୟ ଦାୟଦ ଯିଏକି ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଛି ସେ ହେଉଛନ୍ତି ଆଜିର ବିଜେଡ଼ି ଦଳର ଅନ୍ୟତମ ମାର୍ଗ ପୁରୋଧା, ଯୁବନେତୃତ୍ୱର ଅଧିକାରୀ ତଥା ନବୀନ ବାବୁଙ୍କ ଅତ୍ୟନ୍ତ ଅନୁଗତ ଓ ବିଶ୍ୱସ୍ତ ତାଙ୍କ ପୁତ୍ର ଅତନୁ ସବ୍ୟସାଚୀ ନାୟକ। ଏହି ଲେଖକ ତାଙ୍କର ସାନ୍ନିଧ୍ୟ ଓ ବ୍ୟକ୍ତିଗତ ସ୍ନେହ ଭଲପାଇବା ଯାହା ପାଇଛି ତାହା ଚିରସ୍ମରଣୀୟ ହୋଇ ରହିବ। ଆସନ୍ତୁ ଆଜିପରି ସ୍ମରଣୀୟ ଦିନରେ ଏପରି ଦିନରେ ଜଣେ ସ୍ମରଣୀୟ ଓ କିମ୍ବଦନ୍ତୀ ମହାନାୟକ ସଂଗ୍ରାମୀ ରାଜନେତାଙ୍କୁ ସ୍ମରଣ କରିବା। ତାଙ୍କ ଅବିସ୍ମରଣରେ କେବଳ କେନ୍ଦ୍ରାପଡ଼ା ନୁହେଁ ଓଡ଼ିଶା ପ୍ରଗତି କରୁ ଏହା ହିଁ ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

**ତ୍ରୈଲୋକ୍ୟନାଥ ପରିଡ଼ା, କେନ୍ଦ୍ରାପଡ଼ା,**
**ଦୂରଭାଷ: ୯୪୩୭୬୦୭୯୦୦**

## ସ୍କାଉଟ ଗାଇଡ୍ ସଂଗଠନର ନୂତନ ବର୍ଷର ଅଭିନନ୍ଦନ



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର କର୍ମକର୍ତ୍ତାମାନେ ନୂତନ ବର୍ଷ ୨୦୨୦ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଡଃ ଗଣେଶୀ ଲାଲ, ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ, ଉଚ୍ଚ ଶିକ୍ଷାମନ୍ତ୍ରୀ ଡଃ. ଅରୁଣ ସାହୁ, ମାନ୍ୟବର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ଦେବୀପ୍ରସାଦ ମିଶ୍ର, ରାଜ୍ୟ ସଂଗଠନର ଉପସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଚିରଞ୍ଜିବ ବିଶ୍ୱାଳ, ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ନୂତନ ବର୍ଷର ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ବର୍ଷ ରାଜ୍ୟ ସଂଗଠନ ବିଧିବଦ୍ଧ ଭାବେ ତା'ର କାର୍ଯ୍ୟ ସୂଚାରୁରୂପେ ଜାରି ରଖିବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




### କେନ୍ଦୁଝର : ୭୧ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ

# ସମସ୍ତେ ଦେଶର ଦାୟିତ୍ୱବାନ୍ ନାଗରିକ ହୁଅନ୍ତୁ : ମନ୍ତ୍ରୀ ପଦ୍ମନାଭ ବେହେରା



କେନ୍ଦୁଝର, (ପିଏନ୍)-୭୧ତମ ସାଧାରଣତନ୍ତ୍ର ଦିବସ ଚଳିତ ଜାନୁଆରୀ ୨୬ ତାରିଖରେ କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡିଶାର ମାନ୍ୟବର ଯୋଜନା, ସଂଯୋଜନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଉଦ୍‌ବୋଧନ ଛଳରେ ମନ୍ତ୍ରୀ ଶ୍ରୀ ବେହେରା ସମସ୍ତେ ଜଣେ ଜଣେ ଭଲ ନାଗରିକ ହେବା ସହ ଦେଶ ପ୍ରତି ନିଜର କର୍ତ୍ତବ୍ୟ ପାଳନ କରିବାକୁ ଆହ୍ୱାନ ଜଣାଇଥିଲେ । ଦେଶର ସ୍ୱାଧୀନତା ପାଇଁ ଅସୀମ ତ୍ୟାଗ କରିଥିବା ଏବଂ ବଳିଦାନ ଦେଇଥିବା ସଂଗ୍ରାମୀ ଓ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ଓ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଜଣାଇଥିଲେ । କେନ୍ଦୁଝର ଜିଲ୍ଲାକୁ ବୀର ମାଟି ଭାବେ ଅଭିହିତ କରି ସ୍ୱାଧୀନତା ସଂଗ୍ରାମ କାଳରେ ସଂଗ୍ରାମୀମାନଙ୍କର ଉଚ୍ଚ ଆଦର୍ଶ ଆମ ପାଇଁ ପ୍ରେରଣା ସାଜିଛି ବୋଲି କହିଥିଲେ । ଭାରତୀୟ ସମ୍ବିଧାନର ସାମାଜିକ ନ୍ୟାୟ, ଧର୍ମନିରପେକ୍ଷତା, ମୂଲ୍ୟବୋଧ, ନୀତି ଓ ଉଚ୍ଚ ଆଦର୍ଶ ଆମର କାର୍ଯ୍ୟାବଳୀର ପଥପ୍ରଦର୍ଶକ ସାଜିଛି ବୋଲି କହିବା ସହିତ ସମ୍ବିଧାନର ଗାରିମା ବଜାୟ ରଖିବାକୁ ସମସ୍ତଙ୍କର ମାନସିକତା, ଆନ୍ତରିକତା ଏବଂ ଦୃଢ ସଂକଳ୍ପ କାମନା କରିଥିଲେ । ଓଡିଶାକୁ ଦେଶର ଏକ ପ୍ରମୁଖ ରାଜ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କର ଉଦ୍ୟମ ଜାରି ରହିଛି ବୋଲି କହିବା ସହିତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଉନ୍ନୟନ ଓ କଲ୍ୟାଣମୂଳକ ଜନହିତକର ଯୋଜନା ଓ କାର୍ଯ୍ୟକ୍ରମ ସଂପର୍କରେ ଅବତାରଣା କରିଥିଲେ । ସମସ୍ତେ ମିଳିମିଶି କେନ୍ଦୁଝର ଜିଲ୍ଲା ତଥା ଓଡିଶାର ପ୍ରଗତିକୁ ତ୍ୱରାନ୍ୱିତ କରିବା ସହ ଏକ ସମୃଦ୍ଧ ଭାରତ ଗଠନ କରିବା ପାଇଁ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ବେହେରା ଆହ୍ୱାନ ଜଣାଇଥିଲେ ।

ଏହି ଅବସରରେ ଆୟୋଜିତ ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍ ରେ ୪୩ଟି ଦଳ ଅଂଶଗ୍ରହଣ କରି ଚିତାକର୍ଷକ ମାର୍ଚ୍ଚପାଷ୍ଟ୍ କରିଥିଲେ ଏବଂ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ବେହେରା ଅଭିବାଦନ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୭ଟି ବିଭାଗ ତରଫରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହୋଇଥିଲା ଏବଂ ୪ଟି ଶିକ୍ଷାନୁଷ୍ଠାନ ତରଫରୁ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରେ କେନ୍ଦୁଝର ଜିଲ୍ଲା ଆମେଚର୍ ଟାଇକୋଣ୍ଡ ଆସୋସିଏସନ୍ ତରଫରୁ ଟାଇକୋଣ୍ଡ ପ୍ରଦର୍ଶନ କରାଯାଇଥିଲା । ଚିତାକର୍ଷକ ପ୍ୟାରେଡ୍ ପାଇଁ ଶ୍ରେଷ୍ଠ ଦଳ ଭାବେ ଏନ୍.ସି.ସି./ସ୍କାଉଟ୍/ଗାଇଡ୍/ରେଡକ୍ରସ୍ ବାଳକ ବର୍ଗରେ ସ୍କାଉଟ୍ ସେଂଟ୍ ଜାଭିୟର୍ସ ହାଇସ୍କୁଲ କେନ୍ଦୁଝର, ଶ୍ରେଷ୍ଠ ବାଳିକା ଦଳ ଭାବେ ଏନ୍.ସି.ସି. ଧରଣୀଧର ମହାବିଦ୍ୟାଳୟ କେନ୍ଦୁଝର ଏବଂ ସିଭିଲିଆନ୍ ସିନିୟର୍ ବର୍ଗରେ ଶ୍ରେଷ୍ଠ ବାଳକ ଦଳ ଭାବେ ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚବିଦ୍ୟାଳୟ କେନ୍ଦୁଝର, ଶ୍ରେଷ୍ଠ ବାଳିକା ଦଳ ଭାବେ ସିଭିଲିଆନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କେନ୍ଦୁଝର ଏବଂ ସିଭିଲିଆନ୍ ଜୁନିୟର ବର୍ଗର ଶ୍ରେଷ୍ଠ ବାଳକ ଦଳଭାବେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ କେନ୍ଦୁଝର ଓ ଶ୍ରେଷ୍ଠ ବାଳିକା ଦଳ ଭାବେ ବିବେକାନନ୍ଦ ଶିକ୍ଷା କେନ୍ଦ୍ର କେନ୍ଦୁଝରକୁ ମୁଖ୍ୟ ଅତିଥି ସିଲଡ୍ ପ୍ରଦାନ କରିଥିଲେ । ପ୍ରଜ୍ଞାପନ ମେଢ ପ୍ରଦର୍ଶନ କ୍ଷେତ୍ରରେ ପ୍ରଥମ ସ୍ଥାନ ହାସଲ କରିଥିବା ରେଶମ ବିଭାଗ କେନ୍ଦୁଝର, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ସ୍ୱାସ୍ଥ୍ୟ ବଭାଗ କେନ୍ଦୁଝର ଓ ତୃତୀୟ ସ୍ଥାନ ହାସଲ କରିଥିବା କୃଷି ବିଭାଗ କେନ୍ଦୁଝରକୁ ପୁରସ୍କୃତ କରାଯାଇଥିଲା । ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମରେ ରବିନ୍ଦ୍ର ବିଦ୍ୟାନିକେତନ କେନ୍ଦୁଝର, ଡି.ଏ.ଭି. ପବ୍ଲିକ୍ ସ୍କୁଲ କେନ୍ଦୁଝର, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ କେନ୍ଦୁଝର ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରକୁ ପୁରସ୍କୃତ କରାଯାଇଥିଲା । ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର ଉକ୍ତ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ସଂଜୀବ ବାରିକ ସମାରୋହରେ ଧାରାବିବରଣୀ ପ୍ରଦାନ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଆର୍. ଆଇ. ଅଫ୍ ପୋଲିସ୍ ଶ୍ରୀ ବିମଳ ଚନ୍ଦ୍ର ରାଉତ ସମ୍ମିଳିତ ଆନୁଷ୍ଠାନିକ ପ୍ୟାରେଡ୍ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ବେହେରା ବାଇକ୍ ଆମ୍ବୁଲାନ୍‌ସ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ । ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପି.କେ. ପରିଡା, ପ୍ରକଳ୍ପ ନିର୍ଦ୍ଦେଶକ ଡିଆରଡିଏ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ପ୍ରକଳ୍ପ ନିର୍ଦ୍ଦେଶକ ସହରାଂଚଳ କେନ୍ଦୁଝର ଉପ-ଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଅଶୋକ କୁମାର ଦାଶ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ନିରଞ୍ଜନ ଜେନା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବଭାଗର ନିବାହୀ ଯନ୍ତ୍ରୀ ଇଂ ଦୟାନିଧି ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଉପସ୍ଥିତ ଥିଲେ । ଏସ୍.ଡି.ପି.ଓ. ପି.ଜେ. ଟପୋଙ୍କ ନେତୃତ୍ୱରେ ଆରକ୍ଷୀ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କାର୍ଯ୍ୟ ସମ୍ପାଦିତ କରିଥିଲେ । ପ୍ୟାରେଡ୍ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ମନୋଜ ମଞ୍ଜରୀ ଶିଶୁଭବନ ସିଦ୍ଧମଠକୁ ଯାଇ ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଂଟନ କରିଥିଲେ । ପରେ ପରେ ମନ୍ତ୍ରୀ ଶ୍ରୀ ବେହେରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡି.ଏମ୍.ଏଫ୍. ଅର୍ଥରେ 'ମୋ ସରକାର' କାର୍ଯ୍ୟକ୍ରମ ଅର୍ନ୍ତଗତ ସ୍ୱାସ୍ଥ୍ୟ ଯୋଗାଯୋଗ ବ୍ୟବସ୍ଥା ଓ ସମନ୍ୱିତ ଗ୍ୟାସ ପାଇପ୍‌ଲାଇନ୍ ବ୍ୟବସ୍ଥା ଉଦ୍‌ଘାଟନ କରିବା ସହିତ ଯାନ୍ତ୍ରୀକ ଲଣ୍ଡ୍ରି ସେବା ବ୍ୟବସ୍ଥାକୁ ଲୋକାର୍ପଣ କରିଥିଲେ । ମଧ୍ୟାହ୍ନରେ କେନ୍ଦୁଝର ଷ୍ଟାଡିୟମ୍ ଠାରେ ଜିଲ୍ଲାପାଳଙ୍କ ଏକାଦଶ ଓ କେନ୍ଦୁଝର ନାଗରିକ ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ନଗର ଭବନଠାରେ ମିଳନୀ ସାହିତ୍ୟ ସଂସଦ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ନଗରଭବନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ ଯେ ପ୍ରତ୍ୟୁଷରେ ସହରରେ ରାମଧୂନ ପ୍ରଚାର କରାଯିବା ସହିତ ସକାଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ କରାଯାଇଥିଲା ଓ ସକାଳେ ମୁଖ୍ୟ ଅତିଥିଙ୍କ ଦ୍ୱାରା ସହରରେ ଅବସ୍ଥାପିତ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ଅଗ୍ରଣୀ କୃଷକ ଭାବେ କେନ୍ଦୁଝର ଉପଖଣ୍ଡର ଗୋବିନ୍ଦ ମୁଣ୍ଡା, ଆନନ୍ଦପୁର ଉପଖଣ୍ଡର ମାନସ ପରିଡା, ଚମ୍ପୁଆ ଉପଖଣ୍ଡର ଶ୍ରୀମତୀ ରାଇମଣି କୁଦାଦାଃ, ଶ୍ରେଷ୍ଠ କ୍ରୀଡାବିତ୍ ଭାବେ କୁମାରୀ କ୍ଷଣପ୍ରଭା ନାୟକ ଓ କୁମାରୀ ମୋନିକା ନାଏକ, ଶ୍ରେଷ୍ଠ ମହିଳା ଫୁଟବଲ ଖେଳାଳୀ ଭାବେ କୁମାରୀ ମୁକ୍ତା ମୁଣ୍ଡା, ଶ୍ରେଷ୍ଠ ଆଶାକର୍ମୀ ଭାବେ ଶ୍ରୀମତୀ ଅଞ୍ଜଳି ପେରେଇ, ସୁସ୍ଥ ଗ୍ରାମପଂଚାୟତ ଭାବେ ଜିଲ୍ଲାର ୪ଟି ଗ୍ରାମ ପଂଚାୟତ ଯଥା ଜଙ୍ଘିରା, ଶିରୀଷପାଳ, ମୁରୁସୁଆଁ ଓ ରମ୍ଭାସ ଗ୍ରାମ ପଂଚାୟତ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବର୍ଗ (ଏଫ୍.ଆର୍.ୟୁ.) ରେ ଓଡିଶାର ପ୍ରଥମ ଚିକିତ୍ସାଳୟ ଭାବେ ନ୍ୟାସନାଲ୍ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ ମାନ୍ୟତା ପାଇଥିବା 'ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର', କାୟାକଳ୍ପ କାର୍ଯ୍ୟକ୍ରମରେ ବକ୍ସିବାରିଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ), ଶ୍ରେଷ୍ଠ ଥାନା ଭାବେ ପାଟଣା ଥାନା, ଶ୍ରେଷ୍ଠ ତହସିଲ ଭାବେ ଆନନ୍ଦପୁର ତହସିଲ, ଶ୍ରେଷ୍ଠ ବ୍ଲକ ଭାବେ ପାଟଣା ଏବଂ ଚମ୍ପୁଆ ବ୍ଲକ୍ (ଗ୍ରାମୀଣ ଆବାସ), ଗ୍ରାମୀଣ ଆବାସ ଯୋଜନାର ରୂପାୟନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପାଟଣା ବ୍ଲକ୍‌ର ଏରେଣ୍ଡେଇ ଗ୍ରାମ ପଂଚାୟତ, ଗ୍ରାମୀଣ ଆବାସ ଯୋଜନାର ରୂପାୟନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ସ୍ୱତନ୍ତ୍ର ଭାବେ ଡିଆରଡିଏର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଗ୍ରାମୀଣ ଆବାସ) ରଶ୍ମୀ ରାଣୀଙ୍କୁ ସମ୍ବର୍ଦ୍ଧିତ/ପୁରସ୍କୃତ କରାଯାଇଥିବା ବେଳେ ରାଜ୍ୟସ୍ତରୀୟ ସରଗିଫୁଲ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସଂବର୍ଦ୍ଧିତ କରାଯାଇଥିଲା । ଏତଦ୍‌ବ୍ୟତୀତ ସନ୍ଧ୍ୟାରେ ନଗରଭବନଠାରେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

# ବ୍ରହ୍ମାକୁମାରୀସ୍ ଓମ୍ ନିବାସରେ ୪୪ତମ ବାର୍ଷିକ ଉତ୍ସବ ପାଳନ




ଭୁବନେଶ୍ୱର, (ପିଏନ୍) : ବ୍ରହ୍ମାକୁମାରୀଜ୍, ଓମ୍ ନିବାସର ୪୪ତମ ବାର୍ଷିକ ଉତ୍ସବ ପାଳନ ତା ୨୬.୦୧.୨୦୨୦ରିଖ ରବିବାର ଓମ୍ ନିବାସ, ସି-୧୫, ବାୟାବାବା ମଠ ରୋଡ, ୟୁନିଟ୍-୯, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ଜନରାଜ୍ୟ ଦିବସ ଉପଲକ୍ଷେ ଏକ ଶାନ୍ତି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ତତ୍‌ପଶ୍ୟାତ୍ ସେବାକେନ୍ଦ୍ର ପରିସର ମଧ୍ୟରେ ଜାତୀୟ ପତାକା ଓ ପରମାତ୍ମାଙ୍କ ଶିବଙ୍କ ପତାକା ଉତ୍ତୋଳନ କରାଯାଇଥିଲା । ଆଜିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶ୍ରୀଯୁକ୍ତ ବିଷ୍ଣୁମୋହନ ମହାନ୍ତି, ଅଧକ୍ଷ, ରୟାଲ୍ ଇଂଜିନିୟରିଂ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ମଞ୍ଚେଶ୍ୱର, ଭୁବନେଶ୍ୱର, ମୁଖ୍ୟବକ୍ତା ଭାବେ ବ୍ରହ୍ମାକୁମାରୀଜ ୟୁନିଟ୍-୮, ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ଦୁର୍ଗେଶ ନନ୍ଦିନୀ ଭଉଣୀ ଯୋଗଦେଇ ସଂସ୍ଥା ଦ୍ୱାରା ପ୍ରଦତ୍ତ ରାଜଯୋଗର ମହତ୍ତ୍ୱକୁ ପ୍ରତିବାଦିତ କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଶ୍ରୀଯୁକ୍ତ ବଳରାମ ସାମନ୍ତରାୟ, ଟ୍ରଷ୍ଟି ଗାୟତ୍ରୀ ଶକ୍ତିପୀଠ, ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ପାତ୍ର, ଟ୍ରଷ୍ଟି, ଗାୟତ୍ରୀ ଶକ୍ତିପୀଠ, ୟୁନିଟ୍-୯, ଭୁବନେଶ୍ୱର ପ୍ରମୁଖ ଯୋଗଦେଇ ସଂସ୍ଥାର ବିଶ୍ୱବ୍ୟାପୀ ସେବା ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ଏଥିରେ ସହରର ବିଭିନ୍ନ ପ୍ରାନ୍ତରୁ ବ୍ରହ୍ମାକୁମାରୀ ଭାଇ ଓ ଭଉଣୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଏହି ବାର୍ଷିକ ଉତ୍ସବରେ ପ୍ରଥମେ ସ୍ୱାଗତ ଭାଷଣ ଓ ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା । ତା'ପରେ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଭିଡ଼ିଓ ପ୍ରଦର୍ଶନୀ ମାଧ୍ୟମରେ ବାର୍ଷିକ ରିପୋର୍ଟର ବିବରଣୀ ପ୍ରଦାନ କରାଯାଇଥିଲା । ଏତଦ୍‌ବ୍ୟତୀତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାରୀ ପ୍ରାଚୀ, ବ୍ରହ୍ମକୁମାରୀ ଆଦିଶକ୍ତି ଓ ଛୋଟ ଛୋଟ ଶିଶୁ କଳାକାରମାନେ ନିଜର ନୃତ୍ୟ ପରିବେଷଣ କରି ସମସ୍ତଙ୍କର ମନ ମୁଗ୍ଧ କରିଥିଲେ । ଏତଦ୍‌ବ୍ୟତୀତ ବ୍ରହ୍ମାକୁମାର ଅଲେଖ ଭାଇ ଓ ବ୍ରହ୍ମାକୁମାରୀ ଶାନ୍ତି ଭଉଣୀଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ବ୍ରହ୍ମାକୁମାର ପ୍ରକାଶ ଭାଇ । ଏହି କାର୍ଯ୍ୟକ୍ରମଟିକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ସେବା କେନ୍ଦ୍ରର ସଂଚାଳିକା ଗୀତା ଭଉଣୀ ।

## ଜାନୁଆରୀ ୩୦ ତାରିଖ 'ସମ୍ବିଧାନ ବଂଚାଅ-ଗଣତନ୍ତ୍ର ବଂଚାଅ' ସମାବେଶକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର (ପିଏନ) "ଆମେ ଭାରତବାସୀ" ଆନୁକୂଲ୍ୟରେ ଆସନ୍ତା ୩୦.୧.୨୦୨୦ ରିଖ ଦିନ ଗୁରୁବାର ଭୁବନେଶ୍ୱର ମହାତ୍ମା ଗାନ୍ଧୀ ମାର୍ଗ (ଲୋୟର ପିଏମଜି) ଠାରେ ଦିବା ଘ. ୧୨.୪୫ ମି. ସମୟରେ ଅନୁଷ୍ଠିତ ହେବାକୁ ଥିବା ସମ୍ବିଧାନ ବିରୋଧି - ଧର୍ମନିରପେକ୍ଷତା ବିରୋଧି ନାଗରିକ ସଂଶୋଧନ ଆଇନ୍ (ଉଇଇ) ଜାତୀୟ ନାଗରିକ ପଞ୍ଜିକା (ଘଜଉ) ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଘଚଜ) ପ୍ରତ୍ୟାହାର ଦାବିରେ "ସମ୍ବିଧାନ ବଂଚାଅ - ଧର୍ମନିରପେକ୍ଷତା ବଂଚାଅ - ଦେଶ ବଂଚାଅ" ଅଭିଯାନକୁ କଂଗ୍ରେସ ଦଳ ସମର୍ଥନ କରୁଛି । ଉପରୋକ୍ତ କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ କଂଗ୍ରେସ ନେତୃବୃନ୍ଦ, କର୍ମୀ, ବିଧାୟକ ଓ ସାଂସଦ ପ୍ରାର୍ଥୀ, ପ୍ରାକ୍ତନ ବିଧାୟକ ଓ ସାଂସଦ, ଛାମୁଆ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ସମସ୍ତ କର୍ମକର୍ତ୍ତା ହଜାର ହଜାର ସଂଖ୍ୟାରେ ସଠିକ୍ ସମୟରେ ଯୋଗ ଦେବାକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ସୂଚୀତ କରିଛନ୍ତି । ପ୍ରକାଶ ଥାଉକି କଂଗ୍ରେସ ଦଳ ତରଫରୁ ଏକ ବିଶାଳ ର୍ୟାଲି ଭୁବନେଶ୍ୱରସ୍ଥ ରୁପାଲିଛକ ନିକଟସ୍ଥ ଦୁର୍ଗାପୂଜା ମଣ୍ଡପ ଠାରୁ ଗୁରୁବାର ଦିବା ଘ. ୧୨.୦୫ମି. ସମୟରେ ବାହାରି ରାମମନ୍ଦିର ଛକ, ଶ୍ରୀୟା ଛକ, ମାଷ୍ଟର କ୍ୟାଂଟିନ ଛକ ଦେଇ ମହାତ୍ମା ଗାନ୍ଧୀ ମାର୍ଗ ସମାବେଶରେ ପହଂଚିବ ।

## ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର, (ପିଏନ) : ସ୍ଥାନୀୟ ୨ ନମ୍ବର ୟୁନିଟସ୍ଥିତ ବାଟ ମହାବୀର ବ୍ୟବସାୟୀ ଯୁବକ ସଂଘ ପକ୍ଷରୁ ୭୧ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା । ଏହି ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ୪୦ ନମ୍ବର ଓ୍ୱାର୍ଡ଼ର ପୂର୍ବତନ କର୍ପୋରେଟର ରାମଚନ୍ଦ୍ର ପ୍ରଧାନ, ଆକାଶବାଣୀର ପୂର୍ବତନ ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା, ସାପ୍ତାହିକ ଇପିଏର ସମ୍ପାଦକ ଅନିଲ୍ ମିଶ୍ର ଏବଂ ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତିପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମହାବୀର ବ୍ୟବସାୟୀ ସଂଘର ସଭାପତି ଦୀପକ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ୟବସାୟୀ ସଂଘର ଅନ୍ୟତମ କର୍ମକର୍ତ୍ତା ଚିନ୍ତାମଣି ମହାରଣା, ବୁଖାରି ଖାନ, ଏମ୍‌ଡ଼ି ଅନୁ, ଅକ୍ଷୟ ବେହେରା, ସୁନିଲ୍ ଖାନ, ରମେଶ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜାତୀୟ ସଙ୍ଗୀତ ଗାନ କରିବା ସହିତ ବନ୍ଦେ ମାତରଂ ଓ ଭାରତ ମାତା କି ଜୟ ଧ୍ୱନିମାନ ଦେଇଥିଲେ ।

## ଅନୁଗୁଳ ଲାୟନ୍ସ କ୍ଲବ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ



ଅନୁଗୁଳ,(ପିଏନ)- ଅନୁଗୁଳ ଲାୟନ୍ସ କ୍ଲବ ପକ୍ଷରୁ ୭୧ତମ ସାଧାରଣତନ୍ତ୍ର ଦିବସ ଅନୁଗୁଳ ଲାୟନ୍ସ କ୍ଲବର ସଭାପତି ବାସୁଦେବ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି । ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ଆଲୋକ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ୩୨୨-ସିଝର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଚନ୍ଦ୍ରଶେଖର ପଟ୍ଟନାୟକ, ଅନ୍ୟତମ ଅତିଥିଭାବେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ପରମାନନ୍ଦ ମିଶ୍ର ଯୋଗଦେଇ ଲାୟନ୍ସ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ବିଶଦ୍ ଭାବେ ଆଲୋକପାତ କରିଥିଲେ । ସେମାନଙ୍କ ମଧ୍ୟରେ କ୍ଲବର ସମ୍ପାଦକ ସଞ୍ଜୀବ କୁମାର ମାଣ୍ଡୋଠିଆ, ପ୍ରତିଷ୍ଠାତା ସଦସ୍ୟ ବଜ୍ରରଙ୍ଗଲାଲ୍ ଅଗ୍ରୱାଲ ପ୍ରମୁଖ ଭାରତର ସାଧାରଣତନ୍ତ୍ର ଦିବସ ଏବଂ ଲାୟନ୍ସ କ୍ଲବର ଆଗାମୀ ଦିନରେ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରକାଶ କରିଥିଲେ । ଶେଷରେ ଲାୟନ୍ସ କ୍ଲବର ସମ୍ପାଦକ ସଞ୍ଜୀବ କୁମାର ମାଣ୍ଡୋଠିଆ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିରନ୍ ପଟ୍ଟନାୟକ, ସୁଶାନ୍ତ ଖଟୁଆ, ଅନୁଗୁଳ ଲାୟନ୍ସ କ୍ଲବର ବହୁ ସଦସ୍ୟ, ଆଲୋକ ଚକ୍ଷୁ ଚିକିତ୍ସାଳୟର କର୍ମକର୍ତ୍ତା ଏବଂ କାର୍ଡିଆକ୍ ସର୍ଜରୀ ପାଇଁ ଆସିଥିବା ରୋଗୀମାନେ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୭୧ତମ ସାଧାରଣତନ୍ତ୍ର ଦିବସ ପାଳିତ



ପୁରୀ(ପିଏନ)-ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସିଂହଦ୍ୱାରଠାରେ ୭୧ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ଶ୍ରୀ ଅମୀୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମବେତ କଂଗ୍ରେସ ନେତୃମଣ୍ଡଳୀ, ଶୁଭେଚ୍ଛୁ ଓ ଜନସାଧାରଣଙ୍କୁ ସାଧାରଣତନ୍ତ୍ର ଦିବସର ମହନୀୟତା ଦିଗରେ ଆଲୋକପାତ କରି କହିଲେ ଯେ, ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ତେଣୁ ଭାରତର ଏକତା, ଅଖଣ୍ଡତା, ସଂହତିକୁ ବଜାୟ ରଖିବା ସମସ୍ତଙ୍କର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ । ଗଣତନ୍ତ୍ରରେ ଲୋକମାନଙ୍କର ସମସ୍ତ ଅଧିକାର ରହିବା ସହିତ ବିଭିନ୍ନ ଲୋକହିତକର ଯୋଜନାଗୁଡ଼ିକ ଲୋକଙ୍କ ପାଇଁ, ଲୋକଙ୍କର ଓ ଲୋକମାନଙ୍କ ଦ୍ୱାରା ହିଁ ପ୍ରତିପାଦିତ ହେବା ଏକାନ୍ତ ଜରୁରୀ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ବିନାୟକ ଦାସ ମହାପାତ୍ର, ପୁଷ୍କର ମହାପାତ୍ର, ପ୍ରେମାନନ୍ଦ ମହାନ୍ତି, ପୂର୍ବତନ ଡି.ସି.ସି ସଭାପତି ଉତ୍ତମ ଆଚାର୍ଯ୍ୟ, ସେବାଦଳ ଅଧ୍ୟକ୍ଷ ବିଶ୍ୱକେତନ ହରିଚନ୍ଦନ ମହାପାତ୍ର, ନିରଞ୍ଜନ ରଥ, ଉମାପଦ ମିଶ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ପ୍ରିୟଦର୍ଶନ ପଟ୍ଟନାୟକ, ସରସ୍ୱତୀ ପାତ୍ର, ଭୀମସେନ ପ୍ରଧାନ, ଗୋପାଳ ଚନ୍ଦ୍ର ଖୁଣ୍ଟିଆ, ସୌରଭ ରଞ୍ଜନ ପଟ୍ଟନାୟକ, ଆଲୋକ ଦାସ, ସୁକାନ୍ତ ପ୍ରଧାନ, ରାଜେଶ ମିଶ୍ର, ବିଶ୍ୱନାଥ ରାଜ, ଅମୀୟ ମହାପାତ୍ର ପ୍ରମୁଖ ଶତାଧିକ କର୍ମୀ ଓ ଶୁଭେଚ୍ଛୁ ଯୋଗଦାନ କରିଥିଲେ ।

## ଶ୍ରୀ ସତ୍ୟସାଇ ପୁନଃସହାବସ୍ଥାନ (ଏସ୍‌ଆରପି) କାର୍ଯ୍ୟକ୍ରମ




ଧର୍ମଶାଳା (ପିଏନ): ରାଜ୍ୟ ସତ୍ୟସାଇ ସେବା ସମିତି ଆନୁକୂଲ୍ୟରେ ଜାରକା ସତ୍ୟସାଇ ସେବା ସମିତି ପକ୍ଷରୁ ସ୍ଥାନୀୟ ପଣ୍ଡୁଆସ୍ଥିତ ସାଇ ଆରୋଗ୍ୟମ୍ ପରିସରରେ ଶ୍ରୀ ସତ୍ୟସାଇ ପୁନଃସହାବସ୍ଥାନ (ଏସ୍‌ଆରପି) କାର୍ଯ୍ୟକ୍ରମରେ ହୃଦ୍‌ରୋଗୀମାନଙ୍କୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଟ୍ରଷ୍ଟ ସଦସ୍ୟ ରଶ୍ମିରଞ୍ଜନ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୂର୍ବତନ ଜିଲ୍ଲା ଚିକିତ୍ସାଧିକାରୀ ଡା. ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଢେଙ୍କାନାଳ, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲାରୁ ହୃଦ୍‌ରୋଗର ବିଭିନ୍ନ ଅସ୍ତ୍ରୋପ୍ରଚାର ହୋଇଥିବା ବହୁ ରୋଗୀମାନଙ୍କୁ ଆବଶ୍ୟକ ଚିକିତ୍ସା ସମେତ ଅନ୍ୟାନ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରିଥିଲେ । ପ୍ରକାଶ ଥାଉକି ଏହି (ଏସ୍‌ଆରପି) କାର୍ଯ୍ୟକ୍ରମ ରାଜ୍ୟ ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଗତ ମାସରୁ ଆରମ୍ଭ ହୋଇଛି । ପ୍ରତ୍ୟେକ ମାସର ତୃତୀୟ ରବିବାରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆବାହକ ପବିତ୍ରମୋହନ ବିଶ୍ୱାଳ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମକୁ ସେବା ସଂଯୋଜକ ଅର୍ଜୁନ ଚରଣ ରାଉତ, ସୁଶାନ୍ତ କୁମାର ନାୟକ, ବଟକୃଷ୍ଣ ମଲିକ, ଯତିନ୍ଦ୍ର କୁମାର ଦାସ, ରଂଜନ କୁମାର ସାହୁ, ସୌରଭ ଜେନା, ଶୁଭମ୍ ପ୍ରସାଦ ରାଉତ, ବାଲ୍‌ବିକାଶ ଗୁରୁମା, ପ୍ରମୋଦିନୀ ସାମଲ, ଶୁଭଶ୍ରୀ ପ୍ରିୟଦର୍ଶିନୀ, ରାଜଶ୍ରୀ ସାମଲ, ଅରୁନ୍ଧତୀ ସାହୁ ସମେତ ସମିତିର ସମସ୍ତ ଭାଇଭଉଣୀମାନେ ଏହାକୁ ପରିଚାଳନା କରିଥିଲେ ।

# ଧର୍ମଶାଳାରେ ଖୋଲିନି ଧାନ ମଣ୍ଡି : ଚାଷୀ ଚିନ୍ତାରେ

ଧର୍ମଶାଳା (ପିଏନ)- ବିଲରୁ ଖରିଫ୍ ଧାନ ଅମଳ ହୋଇ ବସ୍ତାବନ୍ଧା ସରିଲାଣି ତଥାପି ସମବାୟ ବିଭାଗର ଚିନ୍ତା ନାହିଁ । ଏପର୍ଯ୍ୟନ୍ତ ଧର୍ମଶାଳା ବ୍ଲକରେ ଥିବା ୧୩ଗୋଟି ସମବାୟ ସମିତିର କୌଣସି ସ୍ଥାନରେ ଧାନମଣ୍ଡି ଖୋଲାଯାଇନାହିଁ । ଫଳରେ ଚାଷୀ ବିଲରେ ଧାନ ବସ୍ତା ଜଗି ପଡ଼ିରହିଛନ୍ତି । ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସରକାର ଦୁଇବର୍ଷ ପୂର୍ବରୁ କୃଷି ସମବାୟ ସମିତି ଜରିଆରେ ଧାନମଣ୍ଡି ଖୋଲି ଚାଷୀମାନଙ୍କ ଠାରୁ ସିଧାସଳଖ ଧାନ ସଂଗ୍ରହ କରୁଛନ୍ତି ହେଲେ ଚଳିତ ବର୍ଷ ଏହା କାର୍ଯ୍ୟକାରୀ ହୋଇପାରିନାହିଁ । ଏଯାବତ୍ କୃଷି ସମବାୟ ସମିତି ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ନେଇ କୌଣସି ଉଦ୍ୟମ ହେଉନାହିଁ । ମଣ୍ଡି କେବେ ଖୋଲିବ ସେ ନେଇ ସମବାୟ ସମିତି କର୍ତ୍ତୃପକ୍ଷଙ୍କ ନିକଟରେ କୌଣସି ସଠିକ୍ ସୂଚନା ନାହିଁ । ଅପରପକ୍ଷେ ବିଲରୁ ଧାନ ସିଧାସଳଖ ନେଇଯିବା ପାଇଁ ଅସାଧୁ ଧାନ ବେପାରି ଓ ମିଲରମାନେ ଗାଁକୁ ଗାଁ ବୁଲିବା ଆରମ୍ଭ କରିଦେଲେଣି । ଯଦି ଦୁଇ ତିନିଦିନ ଭିତରେ ଧାନମଣ୍ଡି ଖୋଲା ନଯାଏ ତେବେ ଚାଷୀ ବାଧ ହୋଇ ବେପାରିଙ୍କୁ ଧାନ ବିକିବେ । ଚଳିତ ବର୍ଷ କାର୍ଯ୍ୟକାରୀ କରାଯାଉଥିବା ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ଅଡୁଆରେ ଚାଷୀ ପସିବାକୁ ଚାହୁଁନାହାଁନ୍ତି । କମ୍ ଦାମ୍ ରେ ହେଉ ପଛେ ଅମଳ ପରେ ପରେ ନଗଦ ଟଙ୍କା ମିଳିବା ଆଶାରେ ଚାଷୀମାନେ ସରକାରୀ ମଣ୍ଡିକୁ ଅପେକ୍ଷା କରିବାକୁ ଇଚ୍ଛା କରୁନାହାଁନ୍ତି । ସେହିପରି ସରକାର ଧାନମଣ୍ଡିରେ ଧାନ ସଂଗ୍ରହ ବେଳେ ଏଫ୍‌ଡବ୍ଲ୍ୟୁ ମାପିବା ବ୍ୟବସ୍ଥା ଲାଗୁ କରାଯାଇନଥିବାରୁ ମିଲ୍ ମାଲିକମାନେ ମିଲ୍ ଭିତରେ କଂଟି ଛଟିଂ କରୁଛନ୍ତୁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ତେବେ ସରକାର ଶୀଘ୍ର ଧାନମଣ୍ଡି ଖୋଲି ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରିବାକୁ ଅଗ୍ରଣୀ ଚାଷୀ ଶ୍ରୀନିବାସ ଜେନା, ବରିଷ୍ଠ କୃଷକ ନେତା ବସନ୍ତ କୁମାର ପରିଡା, ନେତ୍ରାନନ୍ଦ ଦାସ, ଉଦ୍ଧବ ବିଶ୍ୱାଳଙ୍କ ସମେତ ବହୁ ଚାଷୀ ଦାବି କରିଛନ୍ତି ।

